Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 243
Wednesday, 11 November 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୧୧ ନଭେମ୍ବର, ୨୦୨୬
ପୃଷ୍ଠା : ୮, ମୂଲ୍ୟ: ୨ ଟଙ୍କା
Seithoarambha
Seithoarambha
www.seithoarambha.com

ସୈତ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଭତା ବଂଟନ କଲେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୧୦/୧୧ (ଆ.ପ୍ର) : ମଧୁବାବୁ ପେନସନ ଯୋଜନାରେ ଆଉ ୫ ଲକ୍ଷରୁ ଅଧିକ ନୂଆ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ଏହାଦ୍ୱାରା ରାଜ୍ୟରେ ଏହି ଯୋଜନାର ମୋଟ ହିତାଧିକାରୀଙ୍କ ସଂଖ୍ୟା ୪୧,୮୦,୮୨୫ରେ ପହଂଚିଛି । ଯୋଗ୍ୟ ବ୍ୟକ୍ତିଙ୍କୁ ପେନସନ ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଅପେକ୍ଷାର ଯୁଗ ଶେଷ ହୋଇଛି, ଏବେ ଯୋଗ୍ୟ ବ୍ୟକ୍ତିଙ୍କ ଅଧିକାରକୁ ସମ୍ମାନ ଦେବାର ଯୁଗ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମଙ୍ଗଳବାର ବାଲେଶ୍ୱର ଜିଲ୍ଲାର ପୋଲିସ ଲାଇନ ପଡ଼ିଆରେ ଆୟୋଜିତ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଭତାର ସମ୍ପୃର୍ଣ୍ଣତା ଘୋଷଣା ଏବଂ ୟୁନିଫାଏଡ୍ ପେନସନ ମ୍ୟାନେଜମେଣ୍ଟ ପୋର୍ଟାଲର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାରଙ୍କ ସମୟରେ ରାଜ୍ୟର ଜିଲ୍ଲା ସ୍ତରରେ ନିର୍ଦ୍ଦିଷ୍ଟ ଲୋଟା ବ୍ୟବସ୍ଥା ଥିବାରୁ ପେନସନ ପାଉଥିବା ଜଣେ ବୟସ୍କାଙ୍କ ମୃତ୍ୟୁ ପରେ ହିଁ ଅନ୍ୟ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ସେହି ସ୍ଥାନରେ ସାମିଲ କରାଯାଉଥିଲା । ଏହି ସମସ୍ୟାଜନକ ଓ ଅମାନବୀୟ ଲୋଟା ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି । ଏଣିକି ସମସ୍ତ ଯୋଗ୍ୟ ବ୍ୟକ୍ତି ପେନସନ ପାଇବେ । ବର୍ତ୍ତମାନ ବର୍ଷର ବଜେଟ୍ ପ୍ରତିଶ୍ରୁତି ଅନୁଯାୟୀ, ଆଜି ଆଉ ୫,୦୫,୮୧୨ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଏଥିପାଇଁ ବାର୍ଷିକ ଅତିରିକ୍ତ ୬୨୫ କୋଟି ଟଙ୍କା ବ୍ୟୟ ହେବ । ମାତ୍ର ୫୦୦ରୁ ୬୦୦ କୋଟି ଟଙ୍କା ପାଇଁ ଗୁରୁଜନ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିଙ୍କୁ ବନ୍ଧସ୍ତର କରିବା ଶୋଚନୀୟ ନୁହେଁ । ସେମାନଙ୍କ କଲ୍ୟାଣ ପାଇଁ ଏହି ଅର୍ଥ ବ୍ୟୟ



ସରକାରଙ୍କ ଏକ ସାର୍ଥକ ବିନିଯୋଗ ବୋଲି ସେ ମତବ୍ୟକ୍ତ କରିଥିଲେ । ପେନସନ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତତ୍‌ପରତା ପୋର୍ଟାଲ ଉନ୍ମୋଚନ କରିଥିଲେ । ଏଣିକି ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ ଅଥବା ନିକଟସ୍ଥ ଜନସେବା କେନ୍ଦ୍ର ଓ ବିଡିଓ କାର୍ଯ୍ୟାଳୟ ମାଧ୍ୟମରେ ଅନଲାଇନରେ ଆବେଦନ କରିପାରିବେ । ଆବେଦନର ପରବର୍ତ୍ତୀ ମାସରୁ ନିୟମିତ ଭତା ମିଳିବ । ୮୦ ବର୍ଷ ବୟସ ଉର୍ଦ୍ଧ୍ୱ ଏବଂ ନାଜଗିରି ଏନ୍‌ଏସିର ରାୟତ୍ରୀ ବେହେରା ଓ ଗଜେନ୍ଦ୍ର ମହାପାତ୍ରଙ୍କୁ ବିଧାୟକଦ୍ୱୟ ମଧୁବାବୁ ପେନସନ ଯୋଜନାର ଭତା ପ୍ରଦାନ କରିଥିଲେ । ଏଥିସହ ସାମାଜିକ ସୁରକ୍ଷା ଓ ଜିନ୍ସକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପୁଷ୍ପୁତ ମଧୁବାବୁ ପେନସନ ଯୋଜନା ସନ୍ତେଚନତା ରଥର ମଧ୍ୟ ଉଦ୍‌ଘାଟନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପଞ୍ଚାୟତ ମନ୍ତ୍ରୀ ପ୍ରଭାତୀ ପରିଡ଼ା ବୋଲି ସେ କହିଥିଲେ । ନୂତନ ହିତାଧିକାରୀମାନେ ଅନ୍ତ୍ୟୋଦୟ ଓ ନରେନ୍ଦ୍ରର ମାସର ଭତା ଏକକାଳୀନ ପାଇବେ । ନରେନ୍ଦ୍ରର ୧୧ ଓ ୧୨ ତାରିଖରେ ଜିଲ୍ଲା ସ୍ତରରେ ଏବଂ ୧୩ ଓ ୧୪ ତାରିଖରେ ବ୍ଲକ ସ୍ତରରେ ଭତା ବଂଟନ କାର୍ଯ୍ୟକ୍ରମ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସଦର ବାଲେଶ୍ୱରର ଅମୃତା ଆଚାର୍ଯ୍ୟ ଓ ପୁରାମନ୍ତ୍ରୀ ମାଝୀ, ମେଘୁଶାଳ ସିଂହ ଓ ଜୟନ୍ତୀ ସାହୁ, ନାଜଗିରିର ପ୍ରମୁଖ୍ୟ ନାୟକ ଓ ସାଜନ ଦାସ ଏବଂ ନୀଳ



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସିଥୋ ଆରମ୍ଭ
SEITHO ARAMBHA

ବୁଧବାର, ୧୧ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨

ଛାତ୍ରସମାଜ, ଯୁବପିଢ଼ୀ, ଚାଷୀ ଓ ଗରିବଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଏକାଧିକ ଯୁଗାନ୍ତକାରୀ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର: ତେଜେଶ୍ୱର ପରିଡ଼ା

ଭୁବନେଶ୍ୱର, ୧୦/୧୧ (ଆ.ପ୍ର) : ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଛାତ୍ରସମାଜ, ଯୁବପିଢ଼ୀ, ଚାଷୀ ଓ ଗରିବଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଗତକାଲି ଏକାଧିକ ଯୁଗାନ୍ତକାରୀ ଓ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଏହି ପଦକ୍ଷେପ 'ବିକଶିତ ଓଡ଼ିଶା-୨୦୩୬' ଗଠନ ପାଇଁ ରାଜ୍ୟକୁ ଆଉ ଜିଛି ପାଦ ଆଗକୁ ନେଇଯାଇଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା କହିଛନ୍ତି । ଶ୍ରୀ ପରିଡ଼ା କହିଛନ୍ତି, ଉତ୍ତା ପାଇଁ ଅପେକ୍ଷା କରିବାର ଯୁଗର ଅନ୍ତ ହୋଇଛି, ବିଗତ ସରକାର ସମୟରେ ଗାଁ ଗହନିରେ ଯୋଗାଏ ହିତାଧିକାରୀଙ୍କୁ ଉତ୍ତା ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଥିଲା । ଜଣଙ୍କର ମୃତ୍ୟୁ ହେଲେ ଯିଏ ସେହି ସ୍ଥାନରେ ଅନ୍ୟ ଜଣଙ୍କୁ ଉତ୍ତା ମିଳିପାଉନଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦାୟିତ୍ୱ ଅପେକ୍ଷାର ଅନ୍ତ ଘଟାଇଛନ୍ତି । ଗତକେଶ୍ୱରରୁ ଆଜି ଏକକାଳୀନ ରାଜ୍ୟର ୫ ଲକ୍ଷ ୫ ହଜାର ୮୧୬ ଜଣ ନୂତନ ଯୋଗ୍ୟ ବ୍ୟକ୍ତିଙ୍କୁ ଉତ୍ତା ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଆଉ ଉତ୍ତା ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଆବେଦନ କରିବାର ମାତ୍ର କିଛିଦିନ ମଧ୍ୟରେ ହିତାଧିକାରୀମାନେ ଉତ୍ତା ପାଇପାରିବେ । ଏନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି ଶ୍ରୀ ପରିଡ଼ା ।



ଗତକାଲି ବିଜେପି ସରକାର ପକ୍ଷରୁ କ୍ୟାବିନେଟ୍‌ରେ ନିଆଯାଇଥିବା ଐତିହାସିକ ନିଷ୍ପତ୍ତି ସମ୍ପର୍କରେ ଆଲୋକପାତ କରି ଶ୍ରୀ ପରିଡ଼ା କହିଛନ୍ତି ଯେ, ଏହା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଛାତ୍ର ଓ ଯୁବ ସମାଜ ତଥା ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ, ଏହି ନିଷ୍ପତ୍ତି ପ୍ରେରଣାଦାୟୀ ଓ ଏକ ମାଇଲ୍‌ ଫାଇଲ୍‌ । ଉଚ୍ଚଶିକ୍ଷା କ୍ଷେତ୍ରରେ ଡିଜିଟାଲ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର 'ଓଡ଼ିଶା ଶିକ୍ଷାନେଟ୍' ପ୍ରୁଡସିପ୍ ଯୋଜନା ଆରମ୍ଭ କରିଛନ୍ତି । ଏଥିପାଇଁ ୩୯୩.୬୨ କୋଟିର ବଜେଟ୍ ମଞ୍ଜୁର କରାଯାଇଛି । ରାଜ୍ୟର ସମସ୍ତ ୬୦୧ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ପ୍ଲସ୍ ଟୁ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୬ଜଣଙ୍କୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ପିଏଚ୍‌ଡି ଗବେଷକ ଏବଂ ଅଧ୍ୟାପକମାନଙ୍କୁ ପ୍ରତ୍ୟେକ ଦିନ ୧ ଜିବି ହାଇ-ସ୍ପିଡ୍ ଇଣ୍ଟରନେଟ୍ ଡାଟା ସମ୍ପୂର୍ଣ୍ଣ ମାଗଣାରେ ମିଳିବ । ନିଜର ଅଧ୍ୟୟନ ଆଉଜି ମାଧ୍ୟମରେ ଲାଇନ୍ କରି ପ୍ରତ୍ୟେକ ଦିନ କ୍ୟାମ୍ପସରେ ଏହି ସୁବିଧା ମିଳିପାରିବ । ପ୍ରଥମ ପର୍ଯ୍ୟାୟରେ ୧୩୦ଟି ମାଦ୍ରାଦିବ୍ୟାଳୟରେ ଏହା ସଫଳ ଭାବେ କାର୍ଯ୍ୟକାରୀ ହେବା ପରେ ଏହି ଯୋଜନା ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ଏଥିରୁ ଦୂର୍ଗମ, ଆଦିବାସୀ ଓ ପାହାଡ଼ିଆ ଅଂଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଡିଜିଟାଲ ଲାଇବ୍ରେରୀ, ଡିଜିଟାଲ ଅନ୍‌ଲାଇନ୍ ଶିକ୍ଷା ଏବଂ ଜାତୀୟ ଶିକ୍ଷାନୀତି(ଏନ୍‌ଇପି-୨୦୨୦) ଆଧାରିତ ବିଭିନ୍ନ ଅନଲାଇନ୍ କୋର୍ସ କରିପାରିବେ । ଏହା ମିଳିତ ଜାତିସଂଘର ସଷ୍ଟେନେବଲ ଡେଭଲପମେଂଟ ଗୋଲ୍ (ଏସ୍‌ଡିଜି)ର ୪,୯ ଓ ୧୦ ନମ୍ବର ଲକ୍ଷ୍ୟ ଯଥା ଗୁଣାତ୍ମକ ଶିକ୍ଷା, ଶିଳ୍ପ, ନବସୃଜନ, ଲିଡିମୁମି ଓ ଅସମାନତାକୁ ହ୍ରାସ କରିବାରେ ବଡ଼ ମାଇଲଖୁଂଟ ସାବ୍ୟସ୍ତ ହେବ । ରାଜ୍ୟର ନିଯୁକ୍ତି ଆଶାୟୀ ଯୁବପିଢ଼ିଙ୍କ ଦାଗ ଦିନର ସାଥିକୁ ପୁରଣ କରି ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ପ୍ରୟାସ ସଂଖ୍ୟା ଉପରେ ସୀମା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି । ପୂର୍ବରୁ ଅଶଂକ୍ଷିତ ବର୍ଗଙ୍କ ପାଇଁ ପ୍ରୟାସ ସଂଖ୍ୟା ୬ ଓ ଏସ୍‌ବିସିବି ବର୍ଗଙ୍କ ପାଇଁ ପ୍ରୟାସ ସଂଖ୍ୟା ୯ରେ ସୀମିତ ଥିବାରୁ ଉକ୍ତ ଥାଉ ମଧ୍ୟ ଆଶାୟୀମାନେ ପରୀକ୍ଷା ଦେବାରୁ ବଂଚିତ ହେଉଥିଲେ । ବର୍ତ୍ତମାନ ଏହି ଜଟଳତା ଉଚିତା ଫଳରେ ଏହି ବର୍ଗ ଗୁଡ଼ିକରେ ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଯେତେ ଥର ଚାହିଁବେ ସେତେ ଥର ପରୀକ୍ଷା ଦେଇପାରିବେ । ଏହା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ଏକ ବଡ଼ ଉପହାର ସଦୃଶ ହୋଇଛି । ସେହିପରି ମୋହନ ମାଝୀଙ୍କ ସରକାର ରାଜ୍ୟର ରାଜଧାନୀ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ରାଜଧାନୀମାନଙ୍କ ଧାନ ବିହ୍ନି ପ୍ରକ୍ରିୟାକୁ ସରଳ କରିବା ପାଇଁ ରାଜ୍ୟ ସରକାର ଅଧୀନ ସଂସ୍ଥା ଗାୟୋମେଟ୍ରିକ ଅଥେନ୍‌ଟିକେସନ୍ ଓ ଡିଜିଟାଲ ଜନ୍‌ଫେଂଟ୍ ମୋଡାଲ୍ ଆପ୍ ବିକଶିତ କରିଛନ୍ତି । ରାଜଧାନୀମାନଙ୍କୁ ଗାଁଠାରୁ ଦୂରରେ ରହୁଥିବା ତଥା ରାଜ୍ୟ ବାହାରେ ଥିବା ଜମି ମାଲିକମାନଙ୍କ ଅନୁମୋଦନ ପାଇଁ ଆଉ କୌଣସି ଅପେକ୍ଷା କରିବାକୁ ପଡ଼ିବ ନାହିଁ । ମୋବାଇଲ୍ ଆପ୍‌ରେ ଖସଡା ହିତାଧିକାରୀ ଦ୍ୱରରେ ଥାଇ ମଧ୍ୟ ଜମି ମାଲିକମାନେ ଧାନ କ୍ରୟ ପଞ୍ଜୀକରଣ ପାଇଁ ଆଉ ନିଜ ଗାଁକୁ ନ ଆସି ଯେକୌଣସି ସ୍ଥାନରୁ ନିଜ ମୋବାଇଲ୍ ଆପ୍ ଜରିଆରେ ସେଫ୍ ଅଥେନ୍‌ଟିକେସନ୍ କରି ଡିଜିଟାଲ ସମ୍ମତି ପ୍ରଦାନ କରିପାରିବେ । ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ରାଜଧାନୀ ଓ ଜମି ମାଲିକଙ୍କ ଏକ ବୃହତ୍ ସମସ୍ୟା ସବୁଦିନ ପାଇଁ ଦୂର ହୋଇଛି । ସେହିପରି ଚାଷୀଙ୍କୁ ଜଳସେଚନ ଯୋଗାଇବା ବିଜେପି ସରକାର ଅନ୍ୟ ଏକ ପଦକ୍ଷେପ ନେଇଛନ୍ତି । ନିର୍ବାଚନ ପ୍ରତିଶ୍ରୁତି ମୁତାବକ ନୂଆପଡ଼ା ଜିଲ୍ଲାର ବୋଡେନ୍, ସିନାପାଲି ଏବଂ ଛୋମଳା ବୁଲର ୬ଟି ମୌଜା ଲିଫ୍ଟ ଜଳସେଚନ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହାଦ୍ୱାରା ୫୯ଟି ଗ୍ରାମର ପ୍ରାୟ ୮,୮୦୦ ହେକ୍ଟର ଜମି ଜଳସେଚିତ ହେବ । ସେହିପରି ଦଲାଙ୍ଗୀର ଜିଲ୍ଲାର ମଙ୍ଗୁଡ଼ି ପ୍ରତାଡ଼ିତ ଟିଟିଲାଗଡ଼ ବ୍ଲକରେ ଅନ୍ତଃନଦୀ ଜଳାଶୟ (ଇନ୍‌ଟ୍ରିମ୍ ଷ୍ଟୋରେଜ୍ ସ୍ୱଜଳଦ) ଯୋଗୁ ଜଳସେଚନ ନୁହେଁ ବରଂ ପାନୀୟ ଜଳ ସଙ୍କଟର ସମ୍ଭାବନା ରହିଥିବା ଟିଟିଲାଗଡ଼ ଓ ବଙ୍ଗମୁଣ୍ଡା ବ୍ଲକର ବିଭିନ୍ନ ଗାଁକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରିବ । ଆଗାମୀ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ହଜାର ହଜାର ଚାଷୀପରିବାର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବ । ଏଥିସହ ଶକ୍ତି ସୁରକ୍ଷା କ୍ଷେତ୍ରରେ ଜଳାହାଣ୍ଡିରେ ୬୦୦ ମେଗାୱାଟ୍ ବିଶିଷ୍ଟ "ପମ୍ପଡ ଇଣ୍ଟ୍ରାବଡା ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ'କୁ ଓଡ଼ିଶା କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ ରାଜ୍ୟର ଶକ୍ତି ଚାହିଦା ପୂରଣ ସହିତ ଗ୍ରୀଡ୍ ସ୍ଥିରତାକୁ ମଜବୁତ କରିବା ସହ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଏକ ଦିଗଦର୍ଶକ ପ୍ରକଳ୍ପ ଭାବେ କାର୍ଯ୍ୟ କରିବ । ଏହି ପ୍ରକଳ୍ପ ଦ୍ୱାରା ୩୦୦ ମେଗାୱାଟ୍ ସୌରଶକ୍ତି ଓ ୩୦୦ ମେଗାୱାଟ୍ ପମ୍ପଡ୍ ଷ୍ଟୋରେଜ୍ ସୁବିଧା ମିଳିବ । ଏଥିରେ ଦିନବେଳା ଅତିରିକ୍ତ ସୌରଶକ୍ତି ସଂରକ୍ଷଣ କରି ରାତିରେ ବ୍ୟବହାର କରାଯାଇପାରିବ । ଏହା ଦ୍ୱାରା ଦିନରେ ଅତିରିକ୍ତ ସୌରଶକ୍ତି ସଂରକ୍ଷଣ କରି ରାତିରେ ବ୍ୟବହାର କରାଯାଇପାରିବ । ଏହା ଦ୍ୱାରା ଦିନରେ ଅତିରିକ୍ତ ସୌରଶକ୍ତି ସଂରକ୍ଷଣ କରି ରାତିରେ ବ୍ୟବହାର କରାଯାଇପାରିବ ।

ନିଜର ପରାଜୟ ଓ ହତାଶା ଭାବ ଲୁଚାଇବା ପାଇଁ କଂଗ୍ରେସ ଭୋଟ୍ ଚୋରିର ମିଥ୍ୟା ନାଟକ କରୁଛି - ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର/ନୂଆଦିଲ୍ଲୀ, ୧୦/୧୧ (ଆ.ପ୍ର) : ସମ୍ବଲପୁରରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ 'ଲୋକତନ୍ତ୍ର ବଂଚାଓ - ଅରାଜକତା ହଟାଓ' ପଦଯାତ୍ରା ଏବଂ ଜନସଭାରେ ଯୋଗଦେଇ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣତନ୍ତ୍ର ସୁରକ୍ଷା ଏବଂ ଅରାଜକତା ବିରୁଦ୍ଧରେ ମାଜାରାଗରଣର ଆହ୍ୱାନ ଦେଇଛନ୍ତି । ଶ୍ରୀ ପ୍ରଧାନ ଆଜି ପ୍ରଥମେ ବଜର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ଜନସାଧାରଣ, ମାତୃଶକ୍ତି ଓ ଯୁବଶକ୍ତିଙ୍କ ସହ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଦେଶ ଓ ରାଜ୍ୟର ରାଜନୈତିକ ପରିସ୍ଥିତିକୁ ନେଇ କଂଗ୍ରେସ ଏବଂ ଇଣ୍ଡି ମେଂଟକୁ କଡ଼ା ସମାଲୋଚନା କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଏହି ପଦଯାତ୍ରା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମସ୍ତ ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଏକ ମହାସଂଗ୍ରାମ ଅଟେ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଦେଶ ଯେତେବେଳେ ବିଶ୍ୱର ଅଂଗମ ଅର୍ଥନୀତିକୁ ଆଡୁରି ଉପରକୁ ଉଠୁଛି ଏବଂ ଦ୍ରୁତ ଗତିରେ ବିକାଶ କରୁଛି, ସେତେବେଳେ ଜନସମର୍ଥନ ହରାଇଥିବା କିଛି ହତାଶ ରାଜନୈତିକ ଦଳ ଏହାକୁ ସହ୍ୟ କରିପାରୁନାହାନ୍ତି । ନିଜର କୁମାରତ ପରାଜୟ ଓ ରାଜନୈତିକ ବେକାଳିଆପଣକୁ ଲୁଚାଇବା ପାଇଁ କଂଗ୍ରେସ ଏବଂ ଇଣ୍ଡି ମେଂଟ ଆଜି 'ଭୋଟ୍ ଚୋରି'ର ହତଚମଟ ସୃଷ୍ଟି କରୁଛନ୍ତି । ସଂସଦ ଠାରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ ଏହି ନେତାମାନେ ଅଦୁର ନମିକିରେ ଚାଲାକୁ ଖଟା ଦୋଲି କହିବା ସଦୃଶ କେବଳ ମିଥ୍ୟା ବାହାନା ଖୋଜୁଛନ୍ତି । ଏହା କେବଳ ସେମାନଙ୍କର ଭ୍ରମାତ୍ମକ ପରାଜୟ ଓ ରାଜନୈତିକ ବିଫଳତାକୁ ଲୁଚାଇବାର ଏକ ନିରାଶାଜନକ ଷଡ଼ଯନ୍ତ୍ର ମାତ୍ର । ନିର୍ବାଚନରେ ଜିତିଲେ ଇଭିଏମ୍ ଓ ନିର୍ବାଚନ ଆୟୋଗ ଭଲ ଲାଗୁଥିବାବେଳେ ହାରିଗଲେ ସେହି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାର ଏମାନଙ୍କର ଦୋମୁହାଁ ନୀତିକୁ ଦେଶବାସୀ ଭଲ ଭାବରେ ବୁଝିସାରିଛନ୍ତି । ନିର୍ବାଚନ ତାଲିକା ସଂଶୋଧନ ସମୟରେ ବିରୋଧୀଙ୍କ ହୋ-ହାପୁଚୁ କଡ଼ା ସମାଲୋଚନା କରି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ, ମୃତ ବ୍ୟକ୍ତି, ଠିକଣା ବଦଳାଇଥିବା ଏବଂ ବେପାଉନ ଅନୁପ୍ରବେଶକାରୀଙ୍କ ଭରସାରେ କଂଗ୍ରେସ ତାଁ ନିର୍ବାଚନ ଜିତିବାକୁ ଚାହିଁଛି? ଦେଶର ୧୪୦ କୋଟି ଜନସାଧାରଣଙ୍କ ଉପରେ ଆସ୍ଥା ନ ରଖି ନାଗରିକଙ୍କୁ ନଥିବା ଲୋକଙ୍କୁ ସୁରକ୍ଷା ଦେବାର ଏହି ବଳାକୁଆ କେବେଡି ବରଦାସ୍ତ କରାଯିବ ନାହିଁ । ଦେଶରେ ପ୍ରଜାତନ୍ତ୍ର ଓ ନିର୍ବାଚନ ଆୟୋଗ ରହିଛି ବୋଲି ଆଜି ଜଣେ ଗରିବ ଓଡ଼ିଆ ଜନଜାତି ଘରର ଝିଅ ଦେଶର ରାଷ୍ଟ୍ରପତି ଏବଂ ଗରିବ ଘରର ପିଲା ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଜିଲ୍ଲୁ ସାମ୍ବାଦବାଦୀ ନେହେରୁ-ଗାନ୍ଧୀ ପରିବାର ଏହାକୁ ସହି ନପାରି ଦେଶରେ ଅରାଜକତା ଓ ବିଭିନ୍ନ ଡେଞ୍ଜର କଥା କହୁଛନ୍ତି । ସେ ଆହୁରି କହିଥିଲେ, ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମସ୍ତ ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଆୟୋଜିତ ଏହି ପଦଯାତ୍ରାକୁ ଜନସାଧାରଣଙ୍କ ବିପୁଳ ସମର୍ଥନ ରହିଛି । ଓଡ଼ିଶାର ଗାଁ ଗଣ୍ଡାରୁ ଆରମ୍ଭ କରି ପ୍ରତିଟି ଘରେ ମାଆ ସମଲେଶ୍ୱରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ବାର୍ତ୍ତା ପହଂଚାଇବାକୁ ଚେଷ୍ଟ କେ, 'ମୋଦି ଜେଇଁଥିବେ ବି ଯିବେ ନାହିଁ ଏବଂ ଦେଶର ବିକାଶ ଯାତ୍ରା ଅହରହ ଜାରି ରହିବ । ଏହି ପଦଯାତ୍ରା ମାଧ୍ୟମରେ ରାଜ୍ୟର ସମସ୍ତ ପ୍ରକାର ଅରାଜକତାକୁ ମୂଳପୋଛ କରି ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି । ଏହି ପଦଯାତ୍ରାରେ ଓଡ଼ିଶାର ପଂଚାୟତିରାଜ, ଗ୍ରାମାଂଚଳ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ସାମିଲ ହୋଇଥିଲେ ।

ଆଇସିଡିଏସ ସେବାର ସମୀକ୍ଷା କଲେ ଯାଜପୁର ଉପ-ଜିଲ୍ଲାପାଳ : ନିୟମିତ ଯାଂଚ ସହ ଉପସ୍ଥାନ ଓ ଛତୁଆ ବଂଟନ ଉପରେ କଡ଼ା ନିର୍ଦ୍ଦେଶ

ଯାଜପୁର, ୧୦/୧୧ (ଆ.ପ୍ର) : ଯାଜପୁର ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆଇସିଡିଏସ ସେବାର ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡେପୁଟି କଲେକ୍ଟର, ଜିଲ୍ଲା ପ୍ରୋଗ୍ରାମ ଅଫିସର, ସବ୍-ଡିଭିଜନ ଅଭିଯାନ ଓ ମମତା ଯୋଜନାର ଜିଲ୍ଲା କୋ-ଅର୍ଡିନେଟରଙ୍କ ସମେତ ସମସ୍ତ ସିଡିପିଓ, ସୁପରଭାଇଜର ଏବଂ ଜଂସ ଗ୍ରାମ ପଂଚାୟତ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ଆରମ୍ଭରେ ବୈଠକର ଅଧ୍ୟକ୍ଷ (ଉପ-ଜିଲ୍ଲାପାଳ) ଆଇସିଡିଏସ ଗ୍ରାଉରର ମାସିକ ରିପୋର୍ଟର ବିସ୍ତୃତ ଅନୁଧ୍ୟାନ ଓ ବିଶ୍ଳେଷଣ କରିଥିଲେ । ଶିଶୁ ଓ ମାତୃ ମଙ୍ଗଳ ସେବାକୁ ଅଧିକ କ୍ରିୟାଶୀଳ ଏବଂ ସ୍ପଷ୍ଟ କରିବା ଲକ୍ଷ୍ୟରେ ଉପ-ଜିଲ୍ଲାପାଳ ସମସ୍ତ ସିଡିପିଓଙ୍କୁ ଆଇସିଡିଏସ କାର୍ଯ୍ୟକ୍ରମଗୁଡ଼ିକର କଡ଼ା ନିଗାକ୍ଷଣ





ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟାଳୟକୁ ସମୟନୁବର୍ତ୍ତିତା ଓ ସ୍ୱଚ୍ଛତା ଆଣିବା ପାଇଁ ସିଡିପିଓମାନେ କାର୍ଯ୍ୟାଳୟକୁ ଆସିବା ଏବଂ ପ୍ରସ୍ଥାନ କରିବା ସମୟରେ ଜିଓ-ଟ୍ୟାଗ୍ ଫୋଟୋ ସେୟାର କରିବାକୁ ବାଧ୍ୟତାମୂଳକ କରାଯାଇଛି । ଏହା ସଫିତ ଟି୨ଟି୨ ଅଭିଯାନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ସୁକିରା ଅଂଚଳର ଛତୁଆ ଯୋଜନାର କଡ଼ା ଯାଂଚ କରିବାକୁ ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ହିତାଧିକାରୀମାନେ ଯେପରି ସମୟସୀମା ମଧ୍ୟରେ ଡେକ୍ ହୋମ୍ ରାସନ ଛତୁଆ ପାଇପାରିବେ, ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି । ଏଥିସହିତ ପ୍ରତି ମାସ ୧୦ ତାରିଖ ସୁଦ୍ଧା 'ନିମା ତା' ପୂର୍ବରୁ ବୁଲ ସ୍ତରୀୟ ମନିଟରିଂ କମିଟି ବୈଠକର ବିବରଣୀ ଦାଖଲ କରିବାକୁ ନିଷ୍ପତ୍ତି ନିଆଯାଇଛି । ଂଚଳରେ ନବଜଙ୍ଗପୁର ସହରର ଗାଦବାଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ମହିନା ଆସାମୀ ନିଜତରୁ ପରେ ଲିଟର ଦାହାର ଭାଟି ମଦ ଜବତ ଏବଂ ନବଜଙ୍ଗପୁର ଥାନା ଅନ୍ତର୍ଗତ, ବାଜାଗୁଡା ଗ୍ରାମର ଜଣେ ପୁରୁଷ ଆସାମୀ ନିଜତରୁ ତଉଡ ଲିଟର ଚୋରା ଦେଶୀ ହାତ ବନ୍ଧା ମଦ ଜବତ କରାଯାଇ ସବୁ ମଦକୁ ଘଟଣା ସ୍ଥଳରେ ନଷ୍ଟ କରି ଦିଆ ଗଲା, ମହିନା ଆସାମୀକୁ ୩୫ ବିଏନ୍‌ଏସ୍‌ଏସ୍‌ଏରେ ଛାଡି ଦିଆଗଲା ଓ ଗୋଟିଏ ପୁରୁଣା ଆସାମୀକୁ ମାନ୍ୟବର ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ରିଙ୍କିମା କୁମାରୀ ସୁନା, ଆକ୍ରମ ଖାନ ଓ ଦେବେନ୍ଦ୍ର ସମଲ ସହଯୋଗ କରିଥିଲେ ।

ଅବକାରୀ ବିଭାଗର ଚଢ଼ାଉ ୨୯ଲିଟର ମଦ ଜବତ ଓ ଜଣେ ଗିରଫ

ନବଜଙ୍ଗପୁର, ୧୦/୧୧ (ଆ.ପ୍ର) : ନବଜଙ୍ଗପୁର ଜିଲ୍ଲାପାଳ ମଧୁମିତା ତଥା ଅବକାରୀ ଅଧିକ୍ଷକ ପାଣି କାଶୀପ ଜଗଦାପ ଓ ଅବକାରୀ ଅଧିକ୍ଷକ ପ୍ରଭାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ବିଶ୍ୱାସ କୁମାର ରଥଙ୍କ ପ୍ରତ୍ୟେକ ତତ୍ତାବଧାନରେ ନବଜଙ୍ଗପୁର ଥାନା ଅନ୍ତର୍ଗତ, ନବଜଙ୍ଗପୁର ସହରର ଗାଦବାଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ମହିନା ଆସାମୀ ନିଜତରୁ ପରେ ଲିଟର ଦାହାର ଭାଟି ମଦ ଜବତ ଏବଂ ନବଜଙ୍ଗପୁର ଥାନା ଅନ୍ତର୍ଗତ, ବାଜାଗୁଡା ଗ୍ରାମର ଜଣେ ପୁରୁଷ ଆସାମୀ ନିଜତରୁ ତଉଡ ଲିଟର ଚୋରା ଦେଶୀ ହାତ ବନ୍ଧା ମଦ ଜବତ କରାଯାଇ ସବୁ ମଦକୁ ଘଟଣା ସ୍ଥଳରେ ନଷ୍ଟ କରି ଦିଆ ଗଲା, ମହିନା ଆସାମୀକୁ ୩୫ ବିଏନ୍‌ଏସ୍‌ଏସ୍‌ଏରେ ଛାଡି ଦିଆଗଲା ଓ ଗୋଟିଏ ପୁରୁଣା ଆସାମୀକୁ ମାନ୍ୟବର ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ରିଙ୍କିମା କୁମାରୀ ସୁନା, ଆକ୍ରମ ଖାନ ଓ ଦେବେନ୍ଦ୍ର ସମଲ ସହଯୋଗ କରିଥିଲେ ।





ପ୍ରଥମ ଶ୍ରେଣୀ ଛାତ୍ର



ସମ୍ବାଦପତ୍ର ଆରମ୍ଭ

SEITHO ARAMBHA



ବୁଧବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଇଷ୍ଟକୋଷ୍ଟ କେନାଲ୍ ପୁନରୁଦ୍ଧାର ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



ବାଲେଶ୍ୱର, ୧୦/୧୧ (ଆ.ପ୍ର) : ଆଜି ବାଲେଶ୍ୱର ସର୍କିଟ୍ ହାଉଜଠାରେ ଇଷ୍ଟକୋଷ୍ଟ କେନାଲ୍ ପୁନରୁଦ୍ଧାର ମଂଚ ପକ୍ଷରୁ ଏହାର ପୁନରୁଦ୍ଧାର ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଇଷ୍ଟକୋଷ୍ଟ କେନାଲ୍ ପଶ୍ଚିମଙ୍ଗରେ ୧୧କି.ମି. ଓ ଉତ୍ତର ଓ ବାଲେଶ୍ୱରରେ ୧୨୫ କି.ମି. ରହିଛି । ଜାତୀୟ ଜଳପଥ ନଂ ୫ର ଅଂଶତିଶେଷ ଭାବେ ଏହାର କାର୍ଯ୍ୟକୁ ଏ ପର୍ଯ୍ୟନ୍ତ ତ୍ୱରାନ୍ୱିତ କରାଯାଇନାହିଁ । ଇଷ୍ଟକୋଷ୍ଟ କେନାଲ୍‌ର ପୁନରୁଦ୍ଧାର ହେଲେ ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଓ ପଶ୍ଚିମବଙ୍ଗର ତମ୍‌ଲୁକ, ମେଦିନୀପୁର ଜିଲ୍ଲାର ଅର୍ଥନୈତିକ ଓ ସାଂସ୍କୃତିକ ପୁନରୁତ୍ଥାନ ହେବା ସଙ୍ଗେସଙ୍ଗେ ଜଳସେଚନ, ବାଣିଜ୍ୟ ଇତ୍ୟାଦିର ଦ୍ରୁତ ଉନ୍ନତି ହେବ । ଏଥିନେଇ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଭଦ୍ରକର ସାଂସଦ ଅରିନମ୍ୟ ସେଠୀ ଟାଙ୍କର ଦାବୀ ଜଣାଇଛନ୍ତି । ଏ ବିଷୟରେ ସାଂସଦ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ସୋନାଓ୍ୱାଲଙ୍କ ସହ ସାକ୍ଷାତ କଲାପରେ ଜଳସମ୍ପଦ ବିଭାଗର ଏକ ପ୍ରତିନିଧି ଦଳ ଏଠାରେ ଟାଙ୍କର ସର୍ଭେ କରିସାରିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏ ବିଷୟରେ ଦୃଷ୍ଟି ଦେଲେ ଇଷ୍ଟକୋଷ୍ଟ କେନାଲର ପୁନରୁଦ୍ଧାର ନିମନ୍ତେ କେନ୍ଦ୍ର ସରକାର ବିଭିନ୍ନ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ସେବିଷୟରେ ପଦକ୍ଷେପ ନେବାପାଇଁ ପୁନରୁଦ୍ଧାର ମଂଚ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ରରେ ନିବେଦନ କରିଛି । ସ୍ମାରକପତ୍ର ପ୍ରଦାନ ସମୟରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ରେଗୁଣାର ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ମାନସ ଦତ୍ତ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ ଉପସ୍ଥିତ ଥିଲେ । ଇଷ୍ଟକୋଷ୍ଟ କେନାଲ ପୁନରୁଦ୍ଧାର ମଂଚର ଆବାହକ ଶୁଭଙ୍କର ମହାପାତ୍ର, ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ ଓ ବିଜୟ ଦାସ ଅଧିକାରୀଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ମମତା ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ବଉଳ ଚାରା ଓ କ୍ଷୀରଚୋରା ଗୋପୀନାଥଙ୍କ ଫଟୋ ଉପହାର ଦେଲେ ବାର୍ତା ଦେଲେ ସୁମନ୍ତ ଜେନା



ବାଲେଶ୍ୱର, ୧୦/୧୧ (ଆ.ପ୍ର) : ପରିବେଶ ସୁରକ୍ଷା ସହ ଓଡ଼ିଶାର ଅଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ଅଭିନବ ପ୍ରୟାସ ଜରିଛନ୍ତି ବାଲେଶ୍ୱରର ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା । ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ବଉଳ ଚାରା ସହିତ ଚେମ୍ପୁଣାର ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦାପ୍ରଭୁଙ୍କ ଫଟୋଚିତ୍ର ପ୍ରଦାନ କରି ପ୍ରକୃତି ସଂରକ୍ଷଣର ମହତ୍ୱପୂର୍ଣ୍ଣ ବାର୍ତା ଦେଇଛନ୍ତି । ଏହି ଅବସରରେ ଶ୍ରୀ ଜେନା ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପ୍ରକୃତିର ସନ୍ତୁଳନ ରକ୍ଷା ଦିଗରେ ସମସ୍ତଙ୍କ ସକ୍ରିୟ ଭାଗୀଦାରିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବଉଳ ଚାରା ପ୍ରଦାନ ମାଧ୍ୟମରେ ସବୁଜ ପରିବେଶର ସୁରକ୍ଷା ଏବଂ ଶ୍ରୀରଚୋରା ଗୋପୀନାଥଙ୍କ ଫଟୋଚିତ୍ର ମାଧ୍ୟମରେ ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟ ପ୍ରତି ଶ୍ରଦ୍ଧା ଓ ସମ୍ମାନର ନିବେଦନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମନ୍ତ୍ରୀଦ୍ୱୟ, ବିଧାୟକ, ସାଂସଦ, ଜିଲ୍ଲାପାଳ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଶ୍ରୀ ଜେନାଙ୍କ ଏହି ନିଆରା ପ୍ରୟାସକୁ ଉପସ୍ଥିତ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ । ପ୍ରକୃତି ଓ ସଂସ୍କୃତିର ସମନ୍ୱୟ ମାଧ୍ୟମରେ ସମାଜରେ ପରିବେଶ ସଚେତନତା ସୃଷ୍ଟି ଜରିବାର ଏହି ପ୍ରୟାସ ଏକ ସକାରାତ୍ମକ ବାର୍ତା ପ୍ରଦାନ କରିଛି ।

ସିଏଚଆରସି ପକ୍ଷରୁ ଅନୁଷ୍ଠିତ ହେଲା ବିଶ୍ୱ ମାନବାଧିକାର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୧୦/୧୧ (ଆ.ପ୍ର) : ଆସନ୍ତା ଡିସେମ୍ବର ୧୦ ତାରିଖରେ ବିଶ୍ୱ ମାନବାଧିକାର ଦିବସ ପାଳନ ଉପଲକ୍ଷେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ନାଗରିକ ମାନବାଧିକାର ଜିଲ୍ଲାସ୍ତରୀୟ, ଓଡ଼ିଶାର ମୂଳ କମିଟିର ଏକ ପ୍ରସ୍ତୁତି ବୈଠକ ନଭେମ୍ବର ୮ ତାରିଖରେ ପ୍ରେସ୍‌ରେ ନିରଞ୍ଜନ ବାରିକଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭଦ୍ରକ ଗୋପବନ୍ଧୁ ମଲ୍ଲିକ, ଭଦ୍ରକ ପରେଶ ଚନ୍ଦ୍ର ମହାନ୍ତି, ସଂଗଠନର ମହାସଚିବ ଜୟକୃଷ୍ଣ ମହାନ୍ତ, ଜାତୀୟ ଉପସରପାଟି ବସନ୍ତ କୁମାର ଦାଶ, ଲେଖକା ରଶ୍ମି ରାଉତ, ଇଣ୍ଡିଆ ଫ୍ରେଣ୍ଡ ଫୋର୍ ସେଣ୍ଟେନ୍ସ ଟିଚିର ଭଦ୍ରକ ରବି ଶର୍ମା, ଜାତୀୟ ଆବାହକ ନୃସିଂହ ନାଥ ନନ୍ଦ, ମହିଳା ବିଭାଗ ମୁଖ୍ୟ ବନଶ୍ରୀ ମହାପାତ୍ର, ଗଣମାଧ୍ୟମ ପ୍ରକୋଷ୍ଠ ମୁଖ୍ୟ ଭଦ୍ରକ ଶତବ ଚନ୍ଦ୍ର ବେହେରା ଏବଂ ସଂଗଠନର ପରାମର୍ଶଦାତା ପ୍ରଫେସର ନିରଞ୍ଜନ ବାରିକ ଯୋଗ ଦେଇଥିଲେ । ବୈଠକରେ ମାନବାଧିକାର ଦୃଷ୍ଟିକୋଣରୁ ପରିବେଶ ସମସ୍ୟାଗୁଡ଼ିକୁ କାର୍ଯ୍ୟକ୍ରମରେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷଜ୍ଞଙ୍କ ଶିକ୍ଷା, ଖାଦ୍ୟ ସୁରକ୍ଷା, ସ୍ୱଚ୍ଛ ପାନୀୟ ଜଳ ଏବଂ ନିର୍ମଳ ବାୟୁ ପାଇବାର ମୌଳିକ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ବୈଠକର ଅନ୍ୟତମ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ଏକ ତରିଷ୍ଟ ନାଗରିକ ଆଶ୍ରୟସ୍ଥଳୀ ପ୍ରତିଷ୍ଠା କରାଯିବ । ଏଥିସହ ସମାଜର ସମସ୍ତ ବର୍ଗର ମାନବାଧିକାର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ସାମୂହିକ ରାବେ କାର୍ଯ୍ୟ କରିବାକୁ ସଦସ୍ୟମାନେ ସଂକଳ୍ପ ନେଇଥିଲେ । ବିଶେଷଜ୍ଞଙ୍କି ଶିଶୁ, ମହିଳା, କିନ୍ନର, ତରିଷ୍ଟ ନାଗରିକ ଏବଂ ଜିଲ୍ଲାସ୍ତର ସମେତ ସମାଜର ଅବହେଳିତ ଓ ଅସହାୟ ବର୍ଗଙ୍କ ଅଧିକାର ସୁରକ୍ଷା ଉପରେ ପ୍ରାଥମିକତା ଦିଆଯିବ । ଜିସେମ୍ବର ୧୦ର କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଭଦ୍ରକ ଶତବ ଚନ୍ଦ୍ର ବେହେରା ଓ ନୃସିଂହ ନାଥ ନନ୍ଦଙ୍କୁ ମୁଦ୍ରିତ ଓ ଡିଜିଟାଲ ଉଣାମାଧ୍ୟମ ସହ ସମନ୍ୱୟ ରକ୍ଷା କରିବାର ଦାୟିତ୍ୱ ଦିଆଯାଇଥିଲା । ସେହିପରି ଭଦ୍ରକ ରବି ଶର୍ମା ଓ ବସନ୍ତ କୁମାର ଦାଶଙ୍କୁ ବିଶିଷ୍ଟ ଅତିଥିମାନଙ୍କ ସହ ଯୋଗାଯୋଗ ଓ ନିମନ୍ତ୍ରଣ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଶେଷରେ ସଂଗଠନର ମହାସଚିବ ଜୟକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ଆର ଆଇ ଏଚ ଏସ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବକ୍ତୃତା ପ୍ରତିଯୋଗିତା



ରୋଗରାଇ, ୧୦/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୋଗରାଇ କୂଳ ଆର ଆଇ ଏଚ ଏସ ମହାବିଦ୍ୟାଳୟ ପରିସରରେ ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ମଙ୍ଗଳବାର ପୂର୍ବାହ୍ନରେ ରୋଗରାଇ କାର୍ଯ୍ୟାଳୟ ସଂଘ ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଗିରି ଉଦ୍ଘାଟନ କରିଥିଲାବେଳେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଦୀପ ଧାରେଇ ଲୁଆର ଜେନା । 'ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ, ଏହା ବାସ୍ତବ ନା ଅବାସ୍ତବ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବେ ଯୁକ୍ତ ୨ ର ପ୍ରଥମ ବର୍ଷର କଳା ଛାତ୍ରୀ ନମିତା ଗିରି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବେ ଯୁକ୍ତ ୨ର ପ୍ରଥମ ବର୍ଷର କଳା ଛାତ୍ରୀ କାଜଲ ରଣା ପାତ୍ର ଓ ତୃତୀୟ ସ୍ଥାନ ଅଧିକାର କରିଥିବେ ଯୁକ୍ତ ୨ର ଦ୍ୱିତୀୟ ବର୍ଷ କଳା ଛାତ୍ରୀ ସାୟନତନୀ ପଣ୍ଡା । ସେହିପରି ଯୁକ୍ତ ୩ର ପ୍ରଥମ ବର୍ଷ କଳା ଛାତ୍ରୀ ସୁତ୍ରତ କୁମାର ଡୋଳା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବେ ଯୁକ୍ତ ୩ର ଦ୍ୱିତୀୟ ବର୍ଷର କଳା ଛାତ୍ରୀ ସ୍ନେହାଶ୍ରୀ ପାଣିଗ୍ରାହୀ ଓ ତୃତୀୟ ସ୍ଥାନ ଅଧିକାର କରିଥିବେ ଯୁକ୍ତ ୩ର ଦ୍ୱିତୀୟ ବର୍ଷର କଳା ଛାତ୍ରୀ ବର୍ଷାରାଣୀ ଜେନା । ଏହି ପ୍ରତିଯୋଗିତାରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିବାବେଳେ ଦକ୍ଷ ବିଚାରକ ମଣ୍ଡଳୀ ଅଧ୍ୟାପକ ନାଜକଷ ଖାଣ୍ଡା ଓ ଅଧ୍ୟାପକ ସୁକୁମାର ସାହୁଙ୍କ ଦ୍ୱାରା ପ୍ରତିଯୋଗିତାରେ ଫଳାଫଳ ଘୋଷଣା କରାଯାଇଥିଲା । ଆସନ୍ତା ୧୫ ତାରିଖ ଉଦିବାର ଆର ଆଇ ଏଚ ଏସ ମହାବିଦ୍ୟାଳୟ ଓଡ଼ିଟୋରିୟମ ହଲରେ ପୂର୍ବାହ୍ନ ୧୦ ଟାରେ ସାମ୍ବାଦିକ ଦିବସ ଉପଲକ୍ଷେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ରୋଗରାଇ କାର୍ଯ୍ୟାଳୟ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା ।

ବାଣ ଫୁଟା ଗଣ୍ଡଗୋଳକୁ ଗାଧୁଆ ଚୁଠ ନିର୍ମାଣ ସହ ଯୋଡି ଥାନାରେ ମିଥ୍ୟା ମାମଲା



ଜନେଶ୍ୱର, ୧୦/୧୧ (ଆ.ପ୍ର) : ସ୍ଥାନୀୟ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘଟେଇ ଜାରାରେ ସରକାରୀ ଗାଧୁଆ ଚୁଠ ନିର୍ମାଣ ଯେଉଁ ଅଭିଯୋଗ ଏବଂ ଗଣ୍ଡଗୋଳ ହୋଇଥିଲି ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଜଳ ପରିଚାଳନା ସମିତି ଦ୍ୱାରା ଏହି ଚୁଠ ନିର୍ମାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ସଭ୍ୟ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଜଳ ପରିଚାଳନା ସମିତି ଦ୍ୱାରା ଏହି ଚୁଠ ନିର୍ମାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସେମାନେ ଏହି ଚୁଠ ନିର୍ମାଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ସଭ୍ୟ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଜଳ ପରିଚାଳନା ସମିତି ଦ୍ୱାରା ଏହି ଚୁଠ ନିର୍ମାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଘଟେଇ ଜାରାରେ ସରକାରୀ ଗାଧୁଆ ଚୁଠ ନିର୍ମାଣ ସମ୍ପର୍କରେ ଯେଉଁ ଅଭିଯୋଗ ହୋଇଥିଲା ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ, ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘଟେଇ ଜାରାରେ ସରକାରୀ ଗାଧୁଆ ଚୁଠ ନିର୍ମାଣ ସହ ଯୋଡି ଥାନାରେ ମିଥ୍ୟା ମାମଲା ରୋଗରାଇ କାର୍ଯ୍ୟାଳୟ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ଆସନ୍ତା ୧୫ ତାରିଖ ଉଦିବାର ଆର ଆଇ ଏଚ ଏସ ମହାବିଦ୍ୟାଳୟ ଓଡ଼ିଟୋରିୟମ ହଲରେ ପୂର୍ବାହ୍ନ ୧୦ ଟାରେ ସାମ୍ବାଦିକ ଦିବସ ଉପଲକ୍ଷେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ରୋଗରାଇ କାର୍ଯ୍ୟାଳୟ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ଗାଧୁଆ ଚୁଠ ରୋଇପରିଲେ ଅନେକ ବର୍ଷ ଧରି ଗ୍ରାମବାସୀ ମାନେ ଯେଉଁ ସମସ୍ୟା ରୋଗୁଥିଲେ ସେଥିରୁ ମୁକ୍ତି ମିଳିପାରିଥାଆନ୍ତେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ସଭ୍ୟ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଜଳ ପରିଚାଳନା ସମିତି ଦ୍ୱାରା ଏହି ଚୁଠ ନିର୍ମାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଘଟେଇ ଜାରାରେ ସରକାରୀ ଗାଧୁଆ ଚୁଠ ନିର୍ମାଣ ସମ୍ପର୍କରେ ଯେଉଁ ଅଭିଯୋଗ ହୋଇଥିଲା ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ, ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘଟେଇ ଜାରାରେ ସରକାରୀ ଗାଧୁଆ ଚୁଠ ନିର୍ମାଣ ସହ ଯୋଡି ଥାନାରେ ମିଥ୍ୟା ମାମଲା ରୋଗରାଇ କାର୍ଯ୍ୟାଳୟ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ଆସନ୍ତା ୧୫ ତାରିଖ ଉଦିବାର ଆର ଆଇ ଏଚ ଏସ ମହାବିଦ୍ୟାଳୟ ଓଡ଼ିଟୋରିୟମ ହଲରେ ପୂର୍ବାହ୍ନ ୧୦ ଟାରେ ସାମ୍ବାଦିକ ଦିବସ ଉପଲକ୍ଷେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ରୋଗରାଇ କାର୍ଯ୍ୟାଳୟ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା ।

ଭୋଗରାଇ ବିଜେପିର ବନ୍ଧୁମିଳନ ତଥା ପୁରୁଖା ନେତା ଓ କର୍ମୀଙ୍କ ଚିନ୍ତନ ବୈଠକ

ରୋଗରାଇ, ୧୦/୧୧ (ଆ.ପ୍ର) : ରୋଗରାଇ ବିଜେପି ପକ୍ଷରୁ ଦଳର ପୁରୁଖା କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ନିର୍ବାଚନ ପୂର୍ବବର୍ତ୍ତୀ ଏକ ଚିନ୍ତନ ବୈଠକ ସହିତ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦଳ ମଧ୍ୟରେ କହୁ ପୁରୁଖା ନେତା ଓ କର୍ମୀଙ୍କୁ ଅବହେଳା କରି ନବୀନ ନେତାଙ୍କୁ ପ୍ରାଥମିକତା ଦେବା ସଙ୍ଗଠନ ପ୍ରତି ଆତ୍ମଘାତୀ ସାବ୍ୟସ୍ତ ହୋଇଛି ବୋଲି ମତପ୍ରକାଶ ପାଇଛି । ସେହି ଓ ବିଜିନ୍ନ ଲାଭ୍ୟ ସମେତ ଓଡ଼ିଶାର ବିଜିନ୍ନ ନିର୍ବାଚନ ମଣ୍ଡଳୀରେ ବିଜେପି ଦଳର ବିଜୟ ଦୈଜୟନ୍ତୀ ବାନା ଉଡୁଥିଲା ବେଳେ ରୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସଙ୍ଗଠନ ପ୍ରତି ବାଧବଦ୍ଧତା ନଥିବା ନେତାଙ୍କ ପାଇଁ ଏହାର ବ୍ୟାଡିକ୍ରମ ଦେଖାଯାଇଛି । ତରିଷ୍ଟ ବିଜେପି କର୍ମୀ, ପୂର୍ବତନ ସରପଂଚ ତଥା ପୂର୍ବତନ ବିଜେପି ମଣ୍ଡଳ ସଭାପତି ଡଂଶାଧର ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଚିନ୍ତନ ବୈଠକରେ ରୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେପି ସଭାପତି ତଥା ତରିଷ୍ଟ ଆଇନଜୀବୀ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ, ପୂର୍ବତନ ବିଜେପି ସୁଜାମୋର୍ଚା ସଭାପତି ଭରାଡାର ଦାସ, ଜଗନ୍ନାଥ ମଣ୍ଡଳର ପୂର୍ବତନ ବିଜେପି ସଭାପତି ସୁନୀଲ କୁମାର ଜର, ରୋଗରାଇ ଜୋନର ପୂର୍ବତନ ମଣ୍ଡଳ ସଭାପତି ଅମରେନ୍ଦ୍ର ଶେଖର ଦାସ, ଯୁବ ନେତା ଅଶୋକ ସାମଲ, ବନ୍ଧନ ଦାସ, ତରିଷ୍ଟ କର୍ମୀ କୃପାସିନ୍ଧୁ ଦାସ, ଜଗତ୍ସା ମଣ୍ଡଳର ପୂର୍ବତନ ସାଧାରଣ ସମ୍ପାଦକ ସପନ କୁମାର ଗଙ୍ଗାଇ, ତରିଷ୍ଟ ଆଇନଜୀବୀ ରବାହୁ ଦଣ୍ଡପାଟ, ବିଜୁ।ପ କୁମାର ଦଣ୍ଡପାଟ ପ୍ରମୁଖ ଯୋଗ ଦେଇ ରୋଗରାଜରେ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଦଳର ଆଦର୍ଶରେ ଅନୁପ୍ରାଣିତ ଜଣେ ପ୍ରବୀଣ ନେତାକୁ ବିଧାୟକ ପ୍ରାର୍ଥୀ ଭାବେ ମନୋନୀତ କରିବା ସପକ୍ଷରେ ବାତି ଉପସ୍ଥାପିତ କରିଥିଲେ ।

କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା, ଉନ୍ନତ ସ୍ୱାସ୍ଥ୍ୟସେବା ଓ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୧୦/୧୧ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାଲେଶ୍ୱର ଗସ୍ତ ଅବସରରେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତି ପକ୍ଷରୁ ପ୍ରତିନିଧି ଓ ମେଡିକାଲ୍ କଲେଜ୍ ନିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ମଧ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଅନୁକୂଳ ମତ ଦେଇଥିଲେ । ସେହିପରି ଫକୀରମୋହନ ମେଡିକାଲ୍ କଲେଜ୍‌ରେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଖୋଲିବା ଓ ଜିଲ

ଦୈନିକ
ଆରମ୍ଭ
SEITHO AKAMBHA
ବୁଧବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଧ୍ୟାନ ଦେବା

ଯେକୌଣସି ବିପର୍ଯ୍ୟୟ- ପ୍ରାକୃତିକ ହେଉ କି ମନୁଷ୍ୟକୃତ, ତାହା ଅବଶ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ; ଅଧିକ ପରିମାଣରେ ପ୍ରଭାବିତ କରିଥାଏ ଅସୁରକ୍ଷିତ ବର୍ଗଙ୍କୁ । ଠିକ୍ ସେମିତି ଅର୍ଥନୀତିକ ହେଉ କି ସ୍ୱାସ୍ଥ୍ୟଗତ ସଙ୍କଟ ମଧ୍ୟ ଅସୁରକ୍ଷିତ ବର୍ଗଙ୍କ ଉପରେ ଅସମାନୁପାତିକ ଭାବରେ ପ୍ରଭାବ ପକାଇ ଥାଏ । କୋଭିଡ୍-୧୯ ମହାମାରୀ ପୃଥିବୀରେ ଏହି ଅବଧାରଣାର ପୁନରାବୃତ୍ତି କରିଥିଲା । ଏହି ମହାମାରୀର ସଂକ୍ରମଣକୁ ରୋକିବା ପାଇଁ ସାରା ପୋଖରେ ଲକ୍‌ଡାଉନ୍ ଜାରି କରାଯିବା ପରେ ଅନେକ ଲୋକ ସେମାନଙ୍କର କର୍ମନିଯୁକ୍ତି ହରାଇଲେ । ଏମାନଙ୍କ ମଧ୍ୟରେ ମଜିଦାମାନେ ମଧ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ଏହାପରେ ମଜିଦାମାନଙ୍କ ଉପରେ ଘର କାମର ବୋଝ ବହୁତ ବଢ଼ିଥିଲା । ଜାତିସଂଘର ଅଧ୍ୟୟନ ଏକଥା ପୂର୍ବରୁ ଉଲ୍ଲେଖ କରି ସାରିଛି । ତେବେ ମଜିଦାମାନଙ୍କ ଦୁର୍ଦ୍ଦଶାର ଅନ୍ତ ଏତିକିରେ ଘଟିିଲା ନାହିଁ । ନିକଟରେ ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ସର୍ଭେ ଉଲ୍ଲେଖ କରିଛି ଯେ ମଜିଦାମାନଙ୍କ ପାଇଁ ମହାମାରୀ ତୁଲ ପୁରିଟି ସଙ୍କଟ ବହନ କରି ଆଣିଛି । ଲକ୍‌ଡାଉନ୍ ସମୟରେ ମଜିଦାମାନଙ୍କ କ୍ଷେତ୍ରରେ ଡାକିରି ହରାଇବାର ସମ୍ଭାବନା ଯେ କେବଳ ପୁରୁଷମାନଙ୍କ ତୁଳନାରେ ସାତଗୁଣ ଅଧିକ ଥିଲା, ତା' ନୁହେଁ, ବଂଶ ଅନୁକ୍ରମ ହେବା ପରେ ସେମାନଙ୍କର କର୍ମକ୍ଷେତ୍ରକୁ ନ ଫେରିବାର ସମ୍ଭାବନା ପୁରୁଷମାନଙ୍କ ତୁଳନାରେ ଏଗାର ଗୁଣ ଅଧିକ । ଏହି ସଙ୍କଟର ମାତ୍ରା ଅତ୍ୟନ୍ତ ବିପୁଳ । ମହାମାରୀର ଆଗମନ ପୂର୍ବରୁ ଯେତିକି ମହିଳା ଚାକିରି କ୍ଷେତ୍ରରେ ଥିଲେ, ସେମାନଙ୍କ ମଧ୍ୟରୁ ଅଧା ସଂଖ୍ୟକ ଲକ୍‌ଡାଉନ୍ ସମୟରେ ଚାକିରି ହରାଇ ଥିବା ବେଳେ ଲକ୍‌ଡାଉନ୍ ଶେଷ ହେବା ପରେ ଆଉ ସେମାନେ ଚାକିରି ଆରମ୍ଭ କରି ପାରିଲେ ନାହିଁ । ପରିଣତି ସ୍ୱରୂପ, ଚାକିରି କ୍ଷେତ୍ରରେ ମହିଳାମାନଙ୍କ ଭାଗସାମ୍ୟ ନଷ୍ଟ ହୋଇଛି । ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ହିଁ ସ୍ପଷ୍ଟ ହେଉଛି କର୍ମ କ୍ଷେତ୍ରରେ ମହିଳାମାନଙ୍କର ଏପରି ଭାଗସାମ୍ୟହାନତାର କେବେକ କାରଣ । ଉଦାହରଣ ସ୍ୱରୂପ, ବିବାହିତ ମହିଳାମାନେ ସେମାନଙ୍କ ସ୍ୱାମୀମାନଙ୍କ ଅପେକ୍ଷା କର୍ମକ୍ଷେତ୍ରକୁ ଫେରିବାର ସମ୍ଭାବନା କମ୍ ଥିଲା, ଯେଉଁଥିରୁ ସ୍ପଷ୍ଟ ସୂଚନା ମିଳେ ଯେ ଉଭୟ ଲିଙ୍ଗ ଭିତରେ ବିଦ୍ୟମ ଶ୍ରମ ବିଭାଜନ ଅନୁସାରେ ଘର କାମର ଦାୟିତ୍ୱ ମଧ୍ୟ ସମମାନ ଭାବରେ ଆବଣ୍ଟିତ ହେବାର ପରିମାଣ ଅଧିକ ବୃଦ୍ଧି ପାଇଥିଲା । ପରିତାପର ବିଷୟ ହେଉଛି, ମହିଳାମାନଙ୍କ ଶିକ୍ଷାଗତ ପୃଷ୍ଠଭୂମି ମଧ୍ୟ ସେମାନଙ୍କ ଭାଗ୍ୟ ବଦଳାଇବାରେ ସାହାଯ୍ୟକ ହୋଇନାହିଁ । ଜଳ ପରପବନ୍ଦୀରେ ନିଯୁକ୍ତି ପାଇବା ନିମନ୍ତେ ଅଧିକ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ହୋଇଥାଏ । କିନ୍ତୁ ଏ କ୍ଷେତ୍ରରେ ସୁଦ୍ଧା ପୁରୁଷମାନଙ୍କ ତୁଳନାରେ ମହିଳାମାନେ ପୁଳାନିଯୁକ୍ତି ପାଇବାର ସମ୍ଭାବନା କମ୍ ଥିଲା । ଏହି ସୂଚନା ଅନେକାଂଶରେ ଚିନ୍ତା ଉତ୍ରେକକାରୀ । ୨୦୧୧ ଜନଗଣନାର ତଥ୍ୟ ଅନୁଯାୟୀ ୨୦୦୧ରୁ ୨୦୧୧ ମଧ୍ୟରେ ସ୍ନାତକୋତ୍ତର, ପେସାବାର ଏବଂ ବୈଷୟିକ ଡିଗ୍ରୀ ହାସଲ କରିବା କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି, କିନ୍ତୁ ଏକଥା ସ୍ପଷ୍ଟ ଯେ ଏହି ଡିଗ୍ରୀଗୁଡ଼ିକ ଅନୁରୂପ କର୍ମନିଯୁକ୍ତିର ସୁଯୋଗଗୁଡ଼ିକ କମ୍ ଥିଲା ଏବଂ ମହାମାରୀ ପରେ ଏହା ଆହୁରି ସଂକୁଚିତ ହୋଇ ଯାଇଛି । କର୍ମନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟାରେ ଉନ୍ନତି ନ ଘଟିବା ବିପରେ ଏକ ପ୍ରମୁଖ ପ୍ରତିବନ୍ଧକ ହେଉଛି ଲିଙ୍ଗ-ଭିତ୍ତିକ ପକ୍ଷପାତିତାପୂର୍ଣ୍ଣ ମନୋଭାବ । ମହାମାରୀ ସମୟରେ ଏହା ଅଧିକ ବୃଦ୍ଧି ପାଇଥିବା ମନେହୁଏ । ଏଥିରେ ସନ୍ଦେହ ନାହିଁ ଯେ ମହାମାରୀ ଅବସ୍ଥାରେ ଦେଶର ଅର୍ଥନୀତିକ ପରିସ୍ଥିତି ବିସ୍ତିଡ଼ିବାକୁ ଆରମ୍ଭ କରିଥିବା ବେଳେ ମହାମାରୀ ଏକାକୁ ଅଧିକ ନିମ୍ନଗାମୀ କରାଇ ଥିଲା ଯାହାକୁ ସୁଧାରିବାକୁ ସରକାରଙ୍କୁ ଅନେକଗୁଡ଼ିଏ ପ୍ୟାକେଜ୍ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । ସେ ଯାହାସେହ, ପରିସ୍ଥିତିରେଧୀରେ ଧୀରେ ସୁଧାର ଆସିବାକୁ ଆରମ୍ଭ କରିଛି: ଅର୍ଥାତ୍, ଦେଶ ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବାକୁ ଆରମ୍ଭ କରିଛି । ଏହା ଏକ ଶୁଭ ସୂଚନା । ତେଣୁ ସରକାର ଏବେ କର୍ମନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ । ମହିଳା କର୍ମଚାରୀଙ୍କ ପାଇଁ କର୍ମ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜମ୍ମାକାମୀମାନେ ସେମାନଙ୍କ ପାଇଁ ସରେ ଚାହି କାମ କରିବା ଓ ଘର୍ଷ୍ଟ୍ ଫ୍ରମ୍ ହୋମ୍‌ର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ତେବେ ଏସବୁ ସଂଗଠିତ କ୍ଷେତ୍ରମାନଙ୍କରେ ସମ୍ଭବପର ହେବାର ସମ୍ଭାବନା ଥିବା ବେଳେ ଅଧିକ ବିପଦଗ୍ରସ୍ତ ହେଉଛି ଅସଂଗଠିତ କ୍ଷେତ୍ରଗୁଡ଼ିକ, ଯେଉଁଠି କର୍ମଶକ୍ତିର ଅଧିକାଂଶ ଭାଗ କାମ କରିଥାନ୍ତି ।

ବିଶ୍ୱ ମଧୁମେହ ଦିବସ ୧୪ ନଭେମ୍ବର
'ମଧୁମେହ ଉପରେ ଆଗୁଆ ପଦକ୍ଷେପ'

॥ ଡା. ବିଜୟ କେତନ ଦାସ ॥

ମଧୁମେହ ବା ଡାଇବେଟିସ ଆଜି କେବଳ ଏକ ରୋଗ ନୁହେଁ, ଏହା ଏକ ମାରାତ୍ମକ ଜନସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି । ସମସ୍ତ ବିଶ୍ୱ ସହ ଭାରତରେ ମଧ୍ୟ ଏହି ରୋଗର ପ୍ରକୋପ ଦ୍ରୁତଗତିରେ ବଢ଼ି ଚାଲିଛି । ଦିନେ ଯେଉଁ ରୋଗକୁ ବୟସ୍କ ଲୋକଙ୍କ ରୋଗ ବୋଲି ବିଚାର କରାଯାଉଥିଲା, ଆଜି ତାହା ଯୁବକ ଯୁବତୀ ଏପରିକି କିଶୋର କିଶୋରୀଙ୍କୁ ମଧ୍ୟ ଆକ୍ରାନ୍ତ କରୁଛି । ଆହୁରି ଚିନ୍ତାଜନକ ବିଷୟ ହେଉଛି, ଅନେକ ଲୋକ ନିଜେ ମଧୁମେହରେ ଆକ୍ରାନ୍ତ ହୋଇ ଜାଣିପାରନ୍ତି ନାହିଁ । ନରୋଗର ୧୪ ଡାଗିଖ ବିଶ୍ୱ ମଧୁମେହ ଦିବସ ଅବସରରେ ଚଳିତ ବର୍ଷର ଥାର୍ଟା ହେଉଛି 'ମଧୁମେହ ଉପରେ ଆଗୁଆ ପଦକ୍ଷେପ' (ରକ୍ତଶର୍କରା ଜନିତ୍ତସଜ୍ଜତ ଜ୍ଞଳ ଉପରଉଜଗଣ୍ଡଗ୍ଧ) ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରୋଗକୁ ଶୀଘ୍ର ଚିହ୍ନଟ କରିବା, ଏହାର ଆଶଙ୍କା ଜମାଇବା ଏବଂ ଜଟିଳତାକୁ ହ୍ରାସ କରିବା ।

ଶରୀରରେ ଜନସୁଲିନ ନାମକ ହରମୋନର ଅଭାବ ହେବେ କିମ୍ବା ଶରୀର ଏହାକୁ ଠିକ ଭାବରେ ବ୍ୟବହାର କରିପାରି ନଥିଲେ ରକ୍ତରେ ଶର୍କରାର ପରିମାଣ ବଢ଼ିଯାଏ । ଏହି ଅବସ୍ଥାକୁ ମଧୁମେହ କୁହାଯାଏ । ମଧୁମେହ ମୁଖ୍ୟତଃ ତିନି ପ୍ରକାରର । ଟାଇପ-୧ ମଧୁମେହରେ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା ଅସ୍ୱାଭାବିକ ଜନସୁଲିନ ଉତ୍ପାଦନକାରୀ କୋଷଗୁଡ଼ିକୁ ନଷ୍ଟ କରିଦିଏ । ଏଥିରେ ଆଜୀବନ ଜନସୁଲିନ ନେବା ଆବଶ୍ୟକ ହୁଏ । ଟାଇପ-୨ ମଧୁମେହ ସବୁଠାରୁ ଅଧିକ ଦେଖାଯାଏ । ଏଥିରେ ଜନସୁଲିନର କାର୍ଯ୍ୟକ୍ଷମତା କମିବା ସହ ଧୀରେ ଧୀରେ ଜନସୁଲିନ ଉତ୍ପାଦନ ମଧ୍ୟ ହ୍ରାସ ପାଏ । ଗର୍ଭାବସ୍ଥାରେ ଦେଖା ଦେଉଥିବା ମଧୁମେହ ଗର୍ଭାବସ୍ଥାଜନିତ ମଧୁମେହ କୁହାଯାଏ । ଏହା ମାଆ ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରିପାରେ ଏହା ବ୍ୟତୀତ ବଂଶଗତ କାରଣ, ଅଗ୍ନାଶୟର ରୋଗ, ହରମୋନ ଜନିତ ସମସ୍ୟା ଓ କେତେକ ଔଷଧ ଯୋଗୁଁ ମଧ୍ୟ ମଧୁମେହ ହୋଇପାରେ ।

ମଧୁମେହ ହେବା ପଛରେ ଜଂଶଗତ କାରଣ ସହ ଜୀବନଶୈଳୀ ମଧ୍ୟ ବଡ଼ ଭୂମିକା ରହିଛି । ପରିବାରରେ ମଧୁମେହର ଇତିହାସ, ମୋଟାପଣ, ବିଶେଷକରି ପେଟରେ ଚର୍ବି ଜମିବା, ବ୍ୟାୟାମର ଅଭାବ, ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଉଚ୍ଚରକ୍ତଚାପ ଓ ରକ୍ତରେ କୋଲେଷ୍ଟେରଲର ଅସ୍ୱାଭାବିକତା ଏହି ରୋଗର ଆଶଙ୍କା ବଢ଼ାଏ । ଭାରତୀୟ ଏବଂ ଅନ୍ୟ ଦକ୍ଷିଣ ଏସିୟାର ଲୋକଙ୍କ ଠାରେ ଅପେକ୍ଷାକୃତ କମ ବୟସରେ ଓ କମ ଓଜନରେ ମଧ୍ୟ ମଧୁମେହ ଦେଖାଯାଉଛି । ଆମର ବଦକୁଥିବା ଖାଦ୍ୟାଭ୍ୟାସ, ଅତ୍ୟଧିକ ଚିନି ଓ ପ୍ରକ୍ରିୟାକୃତ ଖାଦ୍ୟର ସେବନ, ଶାରୀରିକ ପରିଶ୍ରମର ଅଭାବ ଏହି ସମସ୍ୟାକୁ ଆହୁରି ବଢ଼ାଉଛି । ଅନେକ ସମୟରେ ଏହି ରୋଗର କୌଣସି ସ୍ପଷ୍ଟ ଲକ୍ଷଣ ନଥାଏ । ଅତ୍ୟଧିକ ଶୋଷ, ବାରମ୍ବାର ପରିସ୍ରା, ଅସ୍ୱାଭାବିକ ଓଜନ ହ୍ରାସ, ଥକ୍କାପଣ ଓ ଦୃଷ୍ଟିଶକ୍ତି ଧୂସର ହେବା ଜରି ଲକ୍ଷଣକୁ ଅଣଦେଖା କରିବା ଉଚିତ ନୁହେଁ । ଲକ୍ଷଣ ନଥିଲେ ମଧ୍ୟ ବିପଦ ଥିବା ବ୍ୟକ୍ତିମାନେ ନିୟମିତ ରକ୍ତ ଶର୍କରା ପରୀକ୍ଷା କରାଇବା ଆବଶ୍ୟକ ।

ଟାଇପ-୨ ମଧୁମେହକୁ ଅନେକ କ୍ଷେତ୍ରରେ ଉପଯୁକ୍ତ ଜୀବନଶୈଳୀ ରୋକାଯାଇପାରେ କିମ୍ବା ବିଳମ୍ବିତ କରାଯାଇପାରେ । ଏଥିପାଇଁ ଆମକୁ ନିଜ ଦୈନନ୍ଦିନ ଜୀବନରେ କିଛି ପରିବର୍ତ୍ତନ ଆଣିବାକୁ ପଡ଼ିବ । ସବୁଜତିର ଖାଦ୍ୟ, ପନିପରିବା, ଚାଉଳ, ଶସ୍ୟ ଜାତୀୟ ଖାଦ୍ୟ ଓ ପର୍ଯ୍ୟାପ୍ତ ପ୍ରୋଟିନ ଗ୍ରହଣ କରିବା ସହ ଅତ୍ୟଧିକ ମିଠା, ଚିନିଯୁକ୍ତ ପାନୀୟ ଓ ପ୍ରକ୍ରିୟାକୃତ ଖାଦ୍ୟ ଜମାଇବା ଦରକାର । ଏଥିପାଇଁ ଭାରତକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ ନୁହେଁ, ବରଂ ଖାଦ୍ୟର ପରିମାଣ ଓ ସବୁଜନ ଉପରେ ଧ୍ୟାନ ଦେବା ଜରୁରୀ । ସପ୍ତାହକୁ ଅତି କମରେ ୧୫୦ ମିନିଟ ଦ୍ରୁତଗତିରେ ଚାଲିବା, ସାଇକେଲ ଚଳାଇବା କିମ୍ବା ସନ୍ଧିରହିବା ଭଳି ବ୍ୟାୟାମ କରିବା ଉଚିତ । ଶରୀରର ଓଜନ ନିୟନ୍ତ୍ରଣ ପର୍ଯ୍ୟାପ୍ତ ନିଦ୍ରା, ମାନସିକ ଚାପ ନିୟନ୍ତ୍ରଣ ଓ ତମାଖୁ ବର୍ଜନ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ତେବେ ଟାଇପ-୧ ମଧୁମେହ ଏକ ଅଟୋଇମ୍ୟୁନ ରୋଗ ହୋଇଥିବାରୁ ଏହାକୁ ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ରୋକାଯାଇପାରିବ ନାହିଁ ।

ମଧୁମେହ ସବୁଠାରୁ ବଡ଼ ବିପଦ ହେଉଛି ଏହାର ଦୀର୍ଘକାଳୀନ ଜଟିଳତା । ଦୀର୍ଘଦିନ ଧରି ରକ୍ତରେ ଶର୍କରା ଅଧିକ ରହିଲେ ହୃଦ୍ ରୋଗ, ହୃଦଘାତ ଓ ମସ୍ତିଷ୍କାଘାତର ଆଶଙ୍କା ବଢ଼େ । ବୃକ୍କ ନଷ୍ଟ ହୋଇ ଶେଷରେ ଡାଏଲିସିସର ଆବଶ୍ୟକତା ପଡ଼ିପାରେ । ଆଖିର ରେଟିନା ପ୍ରଭାବିତ ହୋଇ ଦୃଷ୍ଟି ଶକ୍ତି ନଷ୍ଟ ହୋଇପାରେ । ସ୍ନାୟୁ କ୍ଷତି ଯୋଗୁଁ ପାଦରେ ସମ୍ବେଦନଶୀଳତା କମିଯାଏ, ଯାହାଫଳରେ ଘା, ସଂକ୍ରମଣ ଓ ଗୁରୁତର ଅବସ୍ଥାରେ ଗୋଡ଼ କାଟିବା ପର୍ଯ୍ୟନ୍ତ ପରିସ୍ଥିତି ଉପୁଜିପାରେ । କିନ୍ତୁ ନିୟମିତ ପରୀକ୍ଷା, ଉତ୍ତମ ଚିକିତ୍ସା ଦ୍ୱାରା ଏହି ଜଟିଳତାଗୁଡ଼ିକୁ ଅନେକାଂଶରେ ରୋକାଯାଇପାରେ । ମଧୁମେହର ଚିକିତ୍ସା କେବଳ ରକ୍ତଶର୍କରା କମାଇବାରେ ସୀମିତ ନୁହେଁ । ରକ୍ତଚାପ, କୋଲେଷ୍ଟେରଲ, ବୃକ୍କର କାର୍ଯ୍ୟକ୍ଷମତା, ହୃଦ ସ୍ୱାସ୍ଥ୍ୟ, ଚକ୍ଷୁ ଓ ପାଦର ନିୟମିତ ଯାଂଚ ମଧ୍ୟ ଅତ୍ୟାବଶ୍ୟକ । ଏ କ୍ଷେତ୍ରରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ବା ହରମୋନ ଓ ମେଟାବୋଲିକ ରୋଗ ବିଶେଷଜ୍ଞଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷଜ୍ଞଙ୍କ ଜଟିଳ ମଧୁମେହ, ନିୟନ୍ତ୍ରଣରେ ରହୁ ନଥିବା ରକ୍ତ ଶର୍କରା, ଜନସୁଲିନ ଚିକିତ୍ସା ଓ ଅଥାଧାରଣ ପ୍ରକାରର ମଧୁମେହ କ୍ଷେତ୍ରରେ ଏହି ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଉପଯୋଗୀ । ରୋଗୀମାନେ ଯୋଗ୍ୟ ଡାକ୍ତରଙ୍କ ପରାମର୍ଶ ନେବା ସହ ଆବଶ୍ୟକ ସ୍ଥଳେ ଏଣ୍ଡୋକ୍ରାଇନୋଲୋଜିଷ୍ଟଙ୍କ ସହାୟତା ନେବା ଉଚିତ । ଅଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ କିମ୍ବା ଅଣ୍ଟାମାଣିତ ଔଷଧ ଉପରେ ଭରସା କରିବା ବିପଜ୍ଜନକ । ମଧୁମେହ ବିରୋଧରେ ଲଢ଼େଇ କେବଳ ଡାକ୍ତରଙ୍କ ଦାୟିତ୍ୱ ନୁହେଁ । ପରିବାର, ବିଦ୍ୟାଳୟ, କାର୍ଯ୍ୟସ୍ଥଳୀ ଓ ସମାଜ ସମସ୍ତଙ୍କର ଏଥିରେ ଭୂମିକା ରହିଛି । ପିଲାଦିନରୁ ସୁସ୍ଥ ଖାଦ୍ୟାଭ୍ୟାସ ଓ ଶାରୀରିକ ପରିଶ୍ରମର ଅଭ୍ୟାସ ପଡ଼ିବା ଆବଶ୍ୟକ । ରୋଗର ଲକ୍ଷଣ ଦେଖାଦେବା ପରେ ନୁହେଁ, ବରଂ ରୋଗ ହେବାର ଆଶଙ୍କା ଥିବା ସମୟରୁ ସଚେତନ ହେବା ଜରୁରୀ । ଏହି ବିଶ୍ୱ ମଧୁମେହ ଦିବସରେ ଆସନ୍ତୁ, ଜେନ୍ସ ରକ୍ତଶର୍କରା ପରୀକ୍ଷାରେ ସଚେତନତାକୁ ସୀମିତ ନ ରଖି ଏକ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ସଂକଳ୍ପ ନେବା । ନିଜର ଦିପଦକୁ ଜାଣିବା, ନିୟମିତ ପରୀକ୍ଷା ଜରାଜବା ଓ ସମୟୋଚିତ ଚିକିତ୍ସା ନେବା ହେଉଛି ଏହି ରୋଗ ବିରୋଧରେ ସବୁଠାରୁ ବଡ଼ ଅସ୍ତ୍ର । ମଧୁମେହ ହୁଏତ ଆଜୀବନ ରହିଯାଇ, କିନ୍ତୁ ଏହାର ଜଟିଳତା ଅନିବାର୍ଯ୍ୟ ନୁହେଁ । ଆଗୁଆ ସଚେତନତା, ସଠିକ ଚିକିତ୍ସା ଓ ନିୟମିତ ଜୀବନଶୈଳୀ ପରିବର୍ତ୍ତନ ହିଁ ଆମୁ ଏକ ସୁସ୍ଥ ଭବିଷ୍ୟତ ଦେଇପାରେ ।

ଏମ୍, ଡ଼ି.ଏମ୍, (ଏଣ୍ଡୋକ୍ରାଇନୋଲୋଜି), ବିଶେଷଜ୍ଞ ଅନ୍ତଃସ୍ରାବୀ ରୋଗ (ହରମୋନ) ଚିକିତ୍ସକ
ସହକାରୀ ପ୍ରଫେସର, ଅନ୍ତଃସ୍ରାବୀ ରୋଗ ବିଭାଗ, କିମ୍ସ ପିଜିଏମ୍ ଏଚ ଏବଂ ଏସ୍, ଭୁବନେଶ୍ୱର, ଦୂରଭାଷ : ୮୬୩୩୬୮୪୩୮୩

ରଥ ପ୍ରତିଷ୍ଠା ଓ ଚତୁର୍ଦ୍ଧା ବିଗ୍ରହଙ୍କ ତିନିରଥ

॥ ଡକ୍ଟର ତପନ କୁମାର ପାଳ ॥

ରଥଯାତ୍ରା ଦିନ ମହାପ୍ରଭୁଙ୍କର ପ୍ରଥମ ନୀତି ହେଉଛି ରଥ ପ୍ରତିଷ୍ଠା । ପ୍ରଥମେ ସ୍ନାନ ମଣ୍ଡପ ପାଖରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ତିନିରଥର ପ୍ରତାଳଭାବେ ଜାଠରେ ତିଆରି ହୋଇଥିବା ତିନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ । ତଦନ୍ତରତ୍ନର ରଥର ପ୍ରତାକ ଭାବେ ନୃସିଂହ, ଜଗନ୍ନାଥଙ୍କ ରଥର ପ୍ରତାକ ଭାବେ ହନୁମାନ ଓ ମାତା ସୁଭଦ୍ରାଙ୍କ ପ୍ରତାକ ଭାବେ ଜୁଡଜେଶ୍ୱରୀଙ୍କୁ ହିଁ ରଥ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ । ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ, ରାଜାଙ୍କ ପ୍ରତିନିଧି ସ୍ୱତ୍ୱପୁ ରାଜଗୁରୁ ଓ ଶବ୍ଦାନୀ ଦ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇଥାଏ । ଜନଜାଗ ପଦ୍ଧତିରେ ଏଠାରେ ପୂଜାର୍ଚ୍ଚନା ହୋଇ ନଥିଁବାରୁ ଆହୁରି ଦିଆଯାଏ । ତାପରେ ଘଣ୍ଟି ଛନ୍ଦା ହାଦାଣା ପଡୁଆରେ ଉଥୁଲୁ ଆସନ୍ତି । ସଂଖ୍ୟର ଜଳକୁ ରଥରେ ସିଂଚନ କରି ଏହି ତିନି ମୂର୍ତ୍ତାକୁ ରଥର ବୁଡ଼ା ଦେଖରେ ଛୋଟ ସୁଅଁସିଆ ସେବକମାନେ ସ୍ଥାପନ କରିଥାନ୍ତି । ଏହିପରି ରଥ ପ୍ରତିଷ୍ଠା ହେବା ପରେ ହିଁ ମହାପ୍ରଭୁଙ୍କର ପ୍ରସଦ୍ଧି କାର୍ଯ୍ୟକ୍ରମ ହୋଇଥାଏ । ସଂଚଦେବତାଙ୍କୁ ପୂଜା - ରାଜାଙ୍କ ପାଇଁ ଆସେ ପ୍ରସାଦ ମାଳା : ଛେରାପହଁରା ନୀତି କରିବା ପାଇଁ ମହାରାଜା ଗଜପତି ରଥଯାତ୍ରା ଦିନ ସନ୍ଧ୍ୟାକୁ ଉପବାସରେ ରହିଥାନ୍ତି । ସେଦିନ ପ୍ରଥମେ ରାଜଗୁରୁ ରାଜାଙ୍କୁ ପଇତାଲାଗି କରାନ୍ତି । ଏଥାପରେ ରାଜା ସଂଚଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ରାଜନଅରରେ ଥିବା ଜନକପୁରୀ ମନ୍ଦିରରେ ରାଜଗୁରୁଙ୍କ ଉପସ୍ଥିତିରେ ରାଜା ଏହି ପୂଜା କରନ୍ତି । ମଞ୍ଚଳାର୍ପଣ କରି ପୁଷ୍ପାଞ୍ଜଳୀ ଦେଇ ରାଜା ଛେରାପହଁରା ନୀତି ପାଇଁ ଅପେକ୍ଷା କରି ରହିଥାନ୍ତି । ସେପଟେ ରଥ ପ୍ରତିଷ୍ଠା ହୋଇ ରଥ ଉପରେ ମହାପ୍ରଭୁ ବିଜେ କରି ବେଶ ହେଲାପରେ ରାଜାଙ୍କ ପାଖକୁ ଖବର ଆସେ । ମନ୍ଦିରରୁ ଚଇଶି ଜାହାଜିଆମାନେ ପଟ୍ଟାଆରେ ଯାଇ ରାଜାଙ୍କୁ ଛେରାପହଁରା ପାଇଁ ନିମନ୍ତ୍ରଣ କରିଥାନ୍ତି । ଛେରାପହଁରା ସେବା ନିମନ୍ତେ ରାଜାଙ୍କ ପାଇଁ ନଅରର ଦର୍ଜୀ ସ୍ୱତନ୍ତ୍ର ଭାବେ ଏକ ପ୍ରକାରର ଧଳା ପୋଷାକ କରିଥାନ୍ତି । ସେହି ପୋଷାକ ପିନ୍ଧି ରାଜା ବେଶ ହେଲାପରେ ଛେରାପହଁରା ନୀତି ପାଇଁ ଚାନ୍ଦାଣରେ ବାହାରନ୍ତି । ରଥ ଉପରେ ରାଜାଙ୍କ ସହ ରାଜଗୁରୁ, ସେବେରୋ ଜଉଣ, ନଅରର ଜ୍ୟୋତିଷ ଓ ପୁଷ୍ପାଳକ ଉପସ୍ଥିତ ରହିଥାନ୍ତି । ରଥରେ ଚନ୍ଦନ ପାଣିର ଛିଟା (ଛେରା) ଓ ପୁଷ୍ପାଳକ ଫୁଲ ସହିତ ସିଝୁରା ଗୁଣ୍ଡ ଚନ୍ଦନ ପକାଇଥାନ୍ତି । ରାଜା ଏହାକୁ ଛେରାପହଁରା କରିଥାନ୍ତି । ପ୍ରତି ରଥରେ ତିନିଘେରା ଲେଖାଏଁ ଛେରାପହଁରା କରି ନୀତି ସମାପନ କରିଥାନ୍ତି । ଶେଷରେ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରି ରାଜା ନଅର ଅଭିମୁଖେ ଫାହାରନ୍ତି । ତେବେ ଛେରା ପହଁରା ସରିଲେ ରଥ ଉପରେ ରାଜାଙ୍କୁ ଏକ ପ୍ରସାଦମାଳ ଓ ଶ୍ରୀଜପଡ଼ା (ଅଘାଲାଗି ବସ୍ତ୍ର) ଦିଆଯାଏ । ସେହିପରି ଆଉ ଏକ ପ୍ରସାଦମାଳ ଓ ଶ୍ରୀଜପଡ଼ା ରାଣୀଙ୍କ ପାଇଁ ମଧ୍ୟ ଦିଆଯାଏ । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବତ ପ୍ରମତ୍ତରୁ ପରମାତ୍ମା ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ । ଶ୍ରୀମନ୍ଦିରରେ ତିରାଜମାନ କରି ମହାପ୍ରଭୁ ଭକ୍ତଙ୍କ ସହିତ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ଲୀଳାଖେଳା କରିଥାନ୍ତି । ମାନବଳୀଳା କରୁଥିବା ଦାରୁରୂପିଣ୍ଡ ଏହି ସମୟରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଉତ୍ସବିଗ୍ରହାସନ ଛାଡ଼ି ବର୍ଷକୁ ଥରେ ପ୍ରଭୁ ଗୁଣ୍ଡଳିନ, ଛାଡ ଚଉଦରୁ ଓ ଉଉଣୀ ସୁଭ



ଆରମ୍ଭ

SEITHO ARAMBHA



ବୁଧବାର, ୧୧ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୫

ଧନୀ ଅଂଚଳର ଏକମାତ୍ର ଡାକବଙ୍ଗଳା ଆଜି ଇତିହାସ ପୃଷ୍ଠାରେ ଶେଷ ପ୍ରତିଚ୍ଛବି ହେବାକୁ ବସିଛି

ବଣାଇଁ, ୧୦/୧୧ (ଆ.ପ୍ର) : ଯେଉଁ ମାଟିର ଛାତି ଚିରି ଦିନରାତି ଖଣିର ଖଂଖ ଉତ୍ତୋଳନ ହେଉଛି, ଯେଉଁ ମାଟିରୁ ସରକାରଙ୍କ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଉଛି, ସେହି ମାଟିରେ ଥିବା ଏକ ସରକାରୀ ସମ୍ପତ୍ତି ଆଜି ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରୁଛି । ଏହା କୌଣସି ସାଧାରଣ ଛୋଟା ନୁହେଁ, ଏହା ହେଉଛି ଲୋକଙ୍କର ଅତୀତର ଗୌରବ ଓ ଅନେକ ସ୍ମୃତିର ମୂକସାକ୍ଷୀ ଜାତୀୟ ରାଜପଥ ବିତ୍ତାରର ସରକାରୀ ଡାକ ବଙ୍ଗଳା । ଦିନେ ଯେଉଁଠି ଅତିଥିଙ୍କ ଆଗମନରେ ଚଢଚଂଚଳ ହେଉଥିଲା ପରିବେଶ, ଆଜି ସେଠାରେ ନିରବତା, ଇଙ୍ଗା ଜାଲୁ ଓ ଅନାବନା ଗଛଗଡାର ରାଜୁତି ।

ଡାକ ବଙ୍ଗଳା ନୁହେଁ, ଯେମିତି ଏକ ଭୂତ ବଙ୍ଗଳା ! ଏକଦା ଲୋକଙ୍କ ଆଂଚଳରେ ଅନ୍ୟ କୌଣସି ଅତିଥିଶାଳା ନଥିବା ସମୟରେ ଏହି ଡାକ ବଙ୍ଗଳା ସରକାରୀ ଉଚ୍ଚପଦସ୍ଥ ଅଧିକାରୀ, ଜନପ୍ରତିନିଧି ଓ ବିଭିନ୍ନ



ଅତିଥିଙ୍କୁ ଆତିଥ୍ୟ ପ୍ରଦାନ କରି ଆସୁଥିଲା । ଏହାର ପ୍ରତ୍ୟେକ କୋଠରୀ ଦିନେ ଅନେକ ସ୍ମୃତିର ସାକ୍ଷୀ ଥିଲା । ମାତ୍ର ସମୟ ବଦଳିବା ସହ ଏହି ବଙ୍ଗଳାର ଭାଗ୍ୟ ମଧ୍ୟ ବଦଳିଗଲା । ୨୦୦୮ ମସିହା ପରଠାରୁ ଏହାର ରକ୍ଷଣାବେକ୍ଷଣ ପ୍ରତି ଆଉ ଗୁରୁତ୍ୱ ଦିଆଯାଇନଥିବା ଅଭିଯୋଗ ହୋଇଛି । ଧୀରେ ଧୀରେ ଗରଜ ଅବସ୍ଥା ଶୋଚନୀୟ ହେବା ସହ ଆସବାବପତ୍ର ଓ ବିଜୁଳୀ ସାମଗ୍ରୀ ମଧ୍ୟ ଗାଏବ ହୋଇଯାଇଛି । ଏହି ଡାକ ବଙ୍ଗଳାର ଅତୀତ ଓ ବର୍ତ୍ତମାନର ଅସ୍ତିତ୍ୱ ସହ ଜଡିତ ରହିଛି ରକ୍ଷଣକାରୀ ଶ୍ରୀକାନ୍ତ ଦାସଙ୍କ ଦୁଃଖଭରା କାହାଣୀ । ଦୀର୍ଘ ବର୍ଷ ଧରି ସେ ଏହି ବଙ୍ଗଳାର ଦେଖାଶୁଣା ଓ ରକ୍ଷଣାବେକ୍ଷଣ କରି ଆସୁଥିଲେ । ଯେଉଁ ବଙ୍ଗଳାକୁ ସେ ନିଜର ପାରିବୃ ଭାତି ସେବା ଯୋଗାଇ ଆସୁଥିଲେ, ଆଜି ସେହି ବଙ୍ଗଳା ତାଙ୍କ ଆଖି ଆଗରେ ଧୀରେ ଧୀରେ ଖଣ୍ଡାବଶେଷରେ ପରିଣତ ହେଉଛି ।

ତାଙ୍କ ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥ ବର୍ତ୍ତୃପକ୍ଷ ଦୀର୍ଘ ବର୍ଷର ଦେବା ପାଇଁ ଆଜି ପର୍ଯ୍ୟନ୍ତ ତାଙ୍କ ପାରିଶ୍ରମିକ ମଧ୍ୟ ପ୍ରଦାନ କରିନାଇଁନ୍ତି । ଯେଉଁ ଦାଣ୍ଡି ଦିନେ ଏହି ବଙ୍ଗଳାର ଯତ୍ନ ନେଉଥିଲେ, ଆଜି ତାଙ୍କର ଅଭିଯୋଗ ମଧ୍ୟ ଶୁଣିବାକୁ କେହି ନାହାନ୍ତି ବୋଲି ସେ ଖୋଭ ପ୍ରକାଶ କରିଛନ୍ତି । ଲୋକଙ୍କରେ ବଢ଼ ବଢ଼ ଶିଳ୍ପପୁଷାନ ଓ ଖଣି ଖୋଲିବା ପରେ ଅଂଚଳର ଅର୍ଥନୈତିକ ଗୁରୁତ୍ୱ ବହୁଗୁଣିତ ହୋଇଛି । ଫଳରେ ଏହି ଡାକ ବଙ୍ଗଳାର ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ ଆସିନାହିଁ । ଗରୋଇ ଅନୁଷାନର ଅତିଥିଶାଳାରେ ସରକାରୀ ଅଧିକାରୀ ଓ ନେତାଙ୍କ ଅତିଥ୍ୟ ବ୍ୟବସ୍ଥା ହେଉଥିବା ବେଳେ ନିଜ ସରକାରୀ ଡାକ ବଙ୍ଗଳାଟି ଅବହେଳାର ଅନ୍ଧକାରରେ ହଜିଯିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି । ପ୍ରାୟ ୫ ଏକର ପରିମିତ ଜମି ଉପରେ ଥିବା ଏହି ବଙ୍ଗଳାର ପରିସର ଏବେ ଅନାବନା ଗଛଗଡାରେ ଭରି ରହିଛି । ଗରଜ କାହୁଠାରୁ ଅନେକ କହି ପରିସର ପର୍ଯ୍ୟନ୍ତ ସବୁଠି ଅବହେଳାର ଛାପ ସ୍ପଷ୍ଟ ଦେଖିବାକୁ ମିଳୁଛି । ଏହାର ନିକଟରେ କୋଇତା ଥାନା, ଗ୍ରାମପଂଚାୟତ କାର୍ଯ୍ୟାଳୟ, ହସ୍ପିଟାଲ ଓ ବାବା ଲାଙ୍ଗେଶ୍ୱରଙ୍କ ମନ୍ଦିର ରହିଛି । ଏବେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ସରକାରୀ ସମ୍ପତ୍ତିର ଏଭଳି ଅବସ୍ଥା ପ୍ରଶାସନିକ ଉଦାସୀନତାକୁ ପ୍ରତାରେ ପ୍ରକାଶିତ । କୋଇତା ଅଂଚଳ ଅନେକ ଜନପ୍ରତିନିଧିଙ୍କୁ ବିଧାନସଭାକୁ ପଠାଇଥିବା ବେଳେ ବର୍ତ୍ତମାନ ଗରିଅର ବିଧାୟକ ଲକ୍ଷ୍ମଣ ମୁଣ୍ଡ ଏହି ଅଂଚଳର ପ୍ରତିନିଧିତ୍ୱ କରୁଛନ୍ତି । ତଥାପି ଏହି ଐତିହାସିକ ଡାକ ବଙ୍ଗଳାର ପୁନରୁଦ୍ଧାର ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ନେଇ ଅଂଚଳବାସୀ ଖୋର ପ୍ରକାଶ କରୁଛନ୍ତି । ଲୋଇତାବାସୀଙ୍କ ଦାବି, ଏହି ଡାକ ବଙ୍ଗଳାର ଦ୍ରୁତ ପୁନରୁଦ୍ଧାର କରାଯାଉ । ପ୍ରାୟ ୫ ଏକର ସରକାରୀ ଜମିର ସୁରକ୍ଷା ଓ ସାମ ନିର୍ଦ୍ଧାରଣ କରାଯିବା ସହ ଗାଏବ ହୋଇଥିବା ସରକାରୀ ସାମଗ୍ରୀ ସମ୍ପର୍କରେ ତଦନ୍ତ କରାଯାଉ । ଏଭଳି ପୁନର୍ଗଠନ ଏକ ସୁବ୍ୟବସ୍ଥିତ ସରକାରୀ ଅତିଥିଶାଳାରେ ପରିଣତ କରାଗଲେ ଅଂଚଳର ଗୌରବ ଫେରିବା ସହ ସରକାରୀ କାର୍ଯ୍ୟରେ ଆସୁଥିବା ଅଧିକାରୀ ଓ ଅତିଥିମାନେ ମଧ୍ୟ ଉପକୃତ ହେବେ । ଶେଷରେ ପ୍ରଶ୍ନ ଉଠୁଛି, ଯେଉଁ ଲୋଇତାର ଖଣିଜ ସମ୍ପଦ ଦେଶର ଅର୍ଥନୀତିକୁ ସମୃଦ୍ଧ କରୁଛି, ସେହି ଲୋଇତାର ଏକ ଐତିହାସିକ ସରକାରୀ ଡାକ ବଙ୍ଗଳାକୁ ପୁନର୍ଜୀବନ ଦେବା ପାଇଁ ଆଉ କେତେ ଦିନ ଅପେକ୍ଷା କରିବାକୁ ପଡ଼ିବ ? ଏହି ଇଚ୍ଛା କାହୁଘୁଡ଼ିକ କେବଳ ଏକ କୋଠର ଦୁଇବଖ୍ତ ନୁହେଁ, ବରଂ ଏକ ଅଂଚଳର ଅତୀତକୁ ଐତିହ୍ୟର ନିଜର ସାକ୍ଷୀ ହୋଇ ରହିଛି ।

କଲ୍ୟାଣସିଂହପୁରରେ ପାରମ୍ପରିକ ରୀତିନୀତିରେ ଧୂମଧାମରେ ପାଳିତ ହେଲା ଦୀପାବଳି ପର୍ବ

ରାୟଗଡ଼ା, ୧୦/୧୧ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପାରମ୍ପରିକ ରୀତିନୀତି ଓ ଆଦିବାସୀ ସଂସ୍କୃତିର ନିଆରା ପରମ୍ପରାକୁ ନେଇ ଦୀପାବଳି ପର୍ବ ଧୂମଧାମରେ ପାଳିତ ହୋଇଯାଇଛି । ଦୀପାବଳିର ପୂର୍ବଦିନ ଅର୍ଥାତ୍ ୭ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ପାଂଚଦିନ ଧରି ଏହି ପର୍ବ ପାଳନ କରାଯାଇଥିଲା । ବିଶେଷକରି ବ୍ଲକର ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ନିଜର ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରିଥାନ୍ତି । ପର୍ବର ପ୍ରଥମ ଦିନରେ ଗ୍ରାମର ମଝିମାନେ ଉପବାସ ରହି ରାତିରେ ରୀତିନୀତି ଅନୁଯାୟୀ ଶୁଦ୍ଧ ଲୋଗ ଅର୍ପଣ କରି ପିତୃପୁରୁଷଙ୍କୁ ପୂଜାର୍ଚ୍ଚନା କରିଥିଲେ । ଦ୍ୱିତୀୟ ଦିବସରେ ମହିଳା ଓ ପୁରୁଷ ଉଭୟ ଉପବାସ ରହି ରାତିରେ ଆମିଷ ଲୋଗ ସହ ପୂଜାବିଧି ସମ୍ପନ୍ନ କରିଥିଲେ । ଏହାପରେ ଦାଣ ଫୁଟାଇ ପିତୃପୁରୁଷଙ୍କୁ ଲୋଗ ଅର୍ପଣ କରିବା ସହ ଗ୍ରାମବାସୀ ଏକାଠି ହୋଇ ସାମୂହିକ ଭୋଜନ କରିଥିଲେ । ଏହି ପରମ୍ପରାରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଏକତା, ଶ୍ରଦ୍ଧା ଓ ଭାଇଚାରାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା । ତୃତୀୟ ଦିନ ସକାଳେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଭାଜି ଦେଖାଇଥିଲେ । ଏହି ସମୟରେ ଅନ୍ଧାରରୁ ଆଲୋକକୁ ଆସିବା ଓ ପିତୃଲୋକଙ୍କ ସବୁଷି କାମନା କରି ପାରମ୍ପରିକ ରୀତିରେ ଦୀପାବଳି ପାଳନ କରିଥିଲେ । ମା' ଜାକାଙ୍କ ପୀଠରୁ ମଧ୍ୟ ରଙ୍ଗବେରଙ୍ଗ ଆଲୋକ ଓ ସୁନ୍ଦର ଡୋରଣରେ ସଜାଇ ପୂଜାର୍ଚ୍ଚନା କରାଯାଇଥିଲା । ଏହି ପର୍ବରେ ଗ୍ରାମର ପାରମ୍ପରିକ ପଦବାଧାରୀ ନାଇକ ଲେଜି କନ୍ଧପାଣି, ଘାରି ନାଇକ କାଖପତି ପାଲାଇ, ଧାଙ୍ଗଡ଼ାମାଝି ବୁଢୁ ଦେବିଆ, ଜାଗିରି କନ୍ଧପାଣି, ବଜରାମ କୌଶଲ୍ୟା, ଅରକ୍ଷିତ କୌଶଲ୍ୟା, କାମେଶ୍ୱର ଜରକରିଆ, ଲଛନ୍ତନ ମହାନଦିଆ ଓ ଅନ୍ୟ ବିଦ୍ଦିନ୍ଦାଙ୍କ ସମେତ ଅନେକ ଗ୍ରାମବାସୀ ସମିଲ ହୋଇ ପର୍ବର ପାରମ୍ପରିକ ମହତ୍ତ୍ୱକୁ ବଜାୟ ରଖିଥିଲେ । ଦୀପାବଳି ପର୍ବ କେବଳ ଏକ ପର୍ବ ନୁହେଁ, ବରଂ ପିତୃପୁରୁଷଙ୍କ ସ୍ମରଣ, ପରମ୍ପରାର ସୁରକ୍ଷା, ପରିବାରର ଏକତା ଓ ଗ୍ରାମୀଣ ଜୀବନଧାରାର ଏକ ନିଆରା ପ୍ରତୀକ ରୂପେ ଅଂଚଳରେ ପରିଚିତ ହୋଇଆସିଛି ।

ନିତ୍ୟାନନ୍ଦନ ସ୍ମୃତି ସଂସ୍ଥା ପକ୍ଷରୁ ୧୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ରାଶି ପ୍ରଦାନ

ନିମାପଡା, ୧୦/୧୧ (ଆ.ପ୍ର) : ନିମାପଡା ବ୍ଲକ ପୋକଣ୍ଡା ଗ୍ରାମର ମଳ୍ଲଦମ ଦଣ୍ଡା ସମାଜସେବୀ ସ୍ୱର୍ଗତ ନିତ୍ୟାନନ୍ଦ ସେନାପତିଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ବିବସ ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ନିତ୍ୟାନନ୍ଦ ସ୍ମୃତି ସଂସ୍ଥା ପୋରକଣ୍ଡା ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏକମାତ୍ରକୋଶା ସ୍ଥିତ ବଲ୍ଲୀକେଶ୍ୱରଙ୍କ ପୀଠରେ ରବିନାରାୟଣ ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ପୁରସ୍କାର ବିତରଣୀ ଉତ୍ସବରେ ଲାଙ୍ଗୁଡ଼ରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସ୍ତରୀୟ ପ୍ରଶିକ୍ଷକ ଓ ପ୍ରଶିକ୍ଷୟିତ୍ରୀ ଡ. ଅନନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସ୍ୱର୍ଗତ ନିତ୍ୟାନନ୍ଦଙ୍କ ସୁପୁତ୍ର ବିକ୍ରମ କୁମାର ସେନାପତି ଦାର୍ଶନିକ ବିତରଣୀ ପାଠନ କରିଥିଲେ । ଏହି ବୁଦ୍ଧକର ଅଭଣ୍ଡା, ଶତତା, ଧନୁଆଁ, ସାଇଁଶ ଶାସନ ଏବଂ ଚେଂଚ ଶାସନ ଅନ୍ତର୍ଗତ ୧୨ ଗୋଟି ହାଇସ୍କୁଲରେ ୨୦୨୬ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ସ୍ମୃତି ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧନା ଓ ପୁରସ୍କାର ରାଶି ଅତିଥ୍ୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ତତମାଳପୁର ହାଇସ୍କୁଲର ଛାତ୍ରୀ ନିପିକା ରାଣି ପ୍ରଧାନ, ଦକ୍ଷିଣତାରପଡ ହାଇସ୍କୁଲର ଛାତ୍ର ଦେବାନ୍ତ ଦାସ, ଉଗଡତାପୁର ହାଇସ୍କୁଲର ଛାତ୍ରୀ ଅଦ୍ୟଶ୍ୟା ପରିଡା, ଅଲଖା ହାଇସ୍କୁଲର ଛାତ୍ର ସୂର୍ଯ୍ୟକାନ୍ତ ବରାଳ, ଚିତ୍ରାମଣୀ ବିଦ୍ୟାପୀଠର ଛାତ୍ର ସମ୍ବିତ ରଥ, ହରିପୁର ବାଳିକା ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସଂଗୀତା ପଣ୍ଡା, ଗେଣ୍ଡାଦେବା ହାଇସ୍କୁଲର ଛାତ୍ର ସାରା ପ୍ରଜ୍ଞା ଆନୁକ, କଉନପଦା ହାଇସ୍କୁଲର ଛାତ୍ରୀ ଅଭିଜା ସ୍ୱାଇଁ ଏବଂ ଏକମାତ୍ରକୋଶା ହାଇସ୍କୁଲର ଛାତ୍ର ଗଣେଶ ସେଠୀକୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।

କବାଡି ମାର୍କେଟରେ ଟାଙ୍ଗୀ ପୋଲିସର ଚଢ଼ାଉ ୪ଜୁଆଡ଼ି ଗିରଫ

ଟାଙ୍ଗୀ ଚୌଦ୍ୱାର, ୧୦/୧୧ (ଆ.ପ୍ର) : ମାଟୁଲି, ଜଗିଅନ୍ତା କବାଡି ମାର୍କେଟରେ ଜୁଆ ଆଡ୍ଡା ଉପରେ ଟାଙ୍ଗୀ ପୋଲିସ ଚଢ଼ାଉ କରି ୪ ଜଣ ଅଭିଯୁକ୍ତ ଗିରଫ, ୧୬,୨୭୦ ଟଙ୍କା ସମେତ



ଜୁଆ ସାମଗ୍ରୀ ଜବତ, ଟାଙ୍ଗୀ ଥାନା ଅଂଚଳରେ ପୋଲିସ ପକ୍ଷରୁ ସଂଖ୍ୟା ଜାଜାନ ପାଟ୍ରୋଲିଂ ଚାଲିଥିବା ସମୟରେ ହରିଆରା ସ୍ଥିତ କବାଡ଼ି ମାର୍କେଟ୍‌ରେ କେତେକ ବ୍ୟକ୍ତି ଜୁଆ ଖେଳୁଥିବା ନେଇ ଟାଙ୍ଗୀ ପୋଲିସକୁ ସୂଚନା ମିଳିଥିଲା । ଉକ୍ତ ସୂଚନା ଆଧାରରେ ଟାଙ୍ଗୀ ଥାନାର ଏସ. ଆଇ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ପୋଲିସ ଟିମ୍ ସନ୍ଧ୍ୟା ପ୍ରାୟ ୫.୫୦ ମିନିଟ୍ ସମୟରେ ଉକ୍ତ ସ୍ଥାନରେ ଅଚାନକ ଚଢ଼ାଉ କରିଥିବା ଚଢ଼ାଉ ସମୟରେ ପୋଲିସ ୧୬,୨୭୦ ଟଙ୍କା ନଗଦ, ତୁଇ ସେଟ୍ ତାସ୍, ଖୋଳି ଟଙ୍କା ଲଗାଇ ଜୁଆ ଖେଳୁଥିବା ଦେଖାଯାଇଥିବା ଗୋଟିଏ ପଲିଥିନ୍ ମ୍ୟାଟ୍ ଏବଂ ତୁଟି ତୁଟକିଆ ଯାନ, ଯଥା ଥାନାକୁ ଅଣାଯାଇ ଜୁଆ ନିରୋଧୀ ଆଇନର ସମ୍ପୃକ୍ତ ଧାରା ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଚଢ଼ାଉ ଟାଙ୍ଗୀ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ବିଜୁ ମାଝଙ୍କ ସେଠାକ ତତ୍ତ୍ୱାବଧାନରେ କରାଯାଇଥିଲା । ଟାଙ୍ଗୀ ପୋଲିସ ଅଂଚଳରେ ଦୈନାକ ଜୁଆ ଖେଳ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଦୃଢ଼ ପଦକ୍ଷେପ ଜାରି ରଖିବା ସହ ସାଧାରଣ ଜନତାଙ୍କୁ ଏପରି ବେଆଇନ କାର୍ଯ୍ୟକୁ ପୁରେଇ ରହିବା ଏବଂ ଆଇନଶୃଙ୍ଖଳା ରକ୍ଷାରେ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରୁଛି ।

ଉଦଘାଟିତ ହେଲା ଝୁମ୍ ଦଶପଲ୍ଲା ଝୁମ ସିଜିନ ୨



ଦଶପଲ୍ଲା, ୧୦/୧୧ (ଆ.ପ୍ର) : ଦଶପଲ୍ଲା ଅଞ୍ଚଳୀ ଅନୁଷ୍ଠାନ ପମିନୀ ଚ୍ୟାସ ଏକାଡେମୀ ତରଫ ଝୁମ୍ ଦଶପଲ୍ଲା ଝୁମ ର ଦ୍ୱିତୀୟ ଏଡିସନ୍ ଆରମ୍ଭ ହୋଇଛି । ଆଜି ସ୍ଥାନୀୟ ମହାଦାର ଖୋଲ ପାରେ ଦ୍ୱିତୀୟ ଏଡିସନ୍‌କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଛି । ସ୍ଥାନୀୟ କଳାକାର, ଶିଶୁ କଳାକାର, ଅଭିଭାବକ, ବୁଦ୍ଧିଜୀବୀ ଓ ସାଧାରଣଙ୍କ ଗୁରୁତ୍ୱରେ ନୃତ୍ୟ ଓ ଗୀତ ମାଧ୍ୟମ ଦେଖିବାକୁ ମିଳିଥିଲା । ପ୍ରଥମେ ପ୍ରଭୁ ମହାଦାଇଙ୍କ ପାରେ ପୂଜାର୍ଚ୍ଚନା କରାଯାଇଥିଲା । କଳା ଗୁରୁ ଫଂଗାନ ବେହେରା ଓ ସମାଜସେବୀ ଝୁମେଶ କୁମାର ପାତ୍ରଙ୍କ ଜନ କମଳ ରେ ଉଦ୍ଘାଟିତ କରାଯାଇଥିବା ମୁଖ୍ୟ ଅତିଥି ବିଶ୍ୱ ଜଂଜଳ ସେଠା, ସ୍ଥାନୀୟ ଅତିଥି ଅଞ୍ଚଳ କୁମାର ପାଣ୍ଡିଗ୍ରାହୀ, ଜଗନ୍ନାଥ ବେହେରା ଯୋଗ ଦେଇ ଥିଲେ । ଏତିଥଜନୁ ମନୋରମ ପରିବେଶ, ସୁସ୍ଥ ଚାତାବରଣ ସହିତ ସୃତି ରେଖା ଗାମାଙ୍କୁ ଉଲ୍ଲି ଗୀତ ସହିତ ବର୍ତମାନର ସୁପର୍ ହିଟ୍ ସଙ୍ଗୀତ ଶ୍ରୀ ହରି ଚରଣେ ମନ ଲଗାରେ ଗୀତରେ କୁନି କଳାକାର ମାନେ ଏକ ଉଚ୍ଚି ପରିବେଶ ସୃଷ୍ଟି କରିଥିଲେ । ଏଥିରେ ପମିନି ଏକାଡେମୀ ସଭାନେତ୍ରୀ ସସ୍ମିତା ପ୍ରଧାନ, ଉପ ସଭାନେତ୍ରୀ ମନସ୍ୱିନ୍ ଦାସ, ଏକାଡେମୀ ମୁଖ୍ୟ ପମିନି ସାଁ, ପ୍ରଶାନ୍ତ ସାହୁ, ପମୟ ସାହୁଙ୍କ ସହିତ କାଜନସିକ ସଦସ୍ୟ/କୁମାର ସାହୁ, ସିଂଟୁ ମହାଗଣା, ତୁଳୁନା ମହାଗଣା ସୁକାନ୍ତ କୁମାର ଦାସ ଓ ଜ୍ୟୋତ୍ସା ନାୟକ ଉପସ୍ଥିତ ରହି ଥିଲେ କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ବେହେରା ପରି ବାଳନା କରିଥିଲେ ।

ବିଶ୍ୱନାଥ ପଟ୍ଟନାୟକଙ୍କ ୧୧୧ତମ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ୩୦ ୟୁନିଟ୍ ରକ୍ତ ସଂଗ୍ରହ

ଦାଲିଗୁଡ଼ା, ୧୦/୧୧ (ଆ.ପ୍ର) : ବିଶିଷ୍ଟ ସମାଜସେବୀ, ସର୍ବୋଦୟ ଆନ୍ଦୋଳନର ପ୍ରବାଦ ପୁରୁଷ ଓଡ଼ା ବନବାସୀ ସେବା ସମିତିର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକ (ଆଜ୍ଞା)ଙ୍କ ୧୧୧ତମ ଜୟନ୍ତୀ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସମିତି ପରିସରରେ ଆୟୋଜିତ ହୋଇଯାଇଛି । ଏହି ଶିବିରରୁ ମୋଟ ୩୦ ୟୁନିଟ୍ ଉକ୍ତ ସଂଗ୍ରହ କରାଯାଇଛି । ଶିବିରରୁ ମୁଖ୍ୟ ଅତିଥି ଭାବେ ଡିଏସ୍‌ପି, ଜମାଖାଂଟ ମାନସ ରଞ୍ଜନ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସଞ୍ଚାଳିତ ଅତିଥି ଅଞ୍ଚଳ କୁମାର ପାଣ୍ଡିଗ୍ରାହୀ, ଜଗନ୍ନାଥ ବେହେରା ଯୋଗ ଦେଇ ଥିଲେ । ଏତିଥଜନୁ ମନୋରମ ପରିବେଶ, ସୁସ୍ଥ ଚାତାବରଣ ସହିତ ସୃତି ରେଖା ଗାମାଙ୍କୁ ଉଲ୍ଲି ଗୀତ



ଆରମ୍ଭ

SEITHO ARAMBHA



ବୁଧବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଏନ୍‌ଇପି-୨୦୨୦ର ସଫଳ କାର୍ଯ୍ୟକାରିତା ଉଚ୍ଚଶିକ୍ଷାକୁ ବିଶ୍ୱସ୍ତରୀୟ କରିବ: କୁଳପତି

ଭୁବନେଶ୍ୱର, ୧୦/୧୧ (ଆ.ପ୍ର) : ଜାତୀୟ ଶିକ୍ଷାନୀତି-୨୦୨୦ର ସଠିକ୍ ଓ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକାରିତା ଉଚ୍ଚଶିକ୍ଷାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ସହ ଶିକ୍ଷାକ୍ଷେତ୍ରରେ ଗବେଷଣା, ସୃଜନଶୀଳତା ଓ ମୂଲ୍ୟବୋଧଭିତ୍ତିକ ଜ୍ଞାନର ନୂତନ ଯୁଗ ଆରମ୍ଭ କରିବ ବୋଲି ମତ ପ୍ରକାଶ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାନୟର କୁଳପତି ପ୍ରଫେସର ଷଷ୍ଠି କୃଷ୍ଣ ଦାସ ମୁଖ୍ୟବକ୍ତା ଏବଂ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତିର ସୂଚ୍ୟାବଦ୍ଧିତ ପ୍ରୟୋଗ ଉପରେ ବିସ୍ତୃତ ଦର୍ଶନ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଜାଳୀ ପ୍ରସନ୍ନ ମହାପାତ୍ର, ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସ୍ୱାତୀ ମିଶ୍ର ଓ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗନ୍ନେଶ୍ୱର ଦଣ୍ଡପାଟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଡେଭଲପମେଣ୍ଟ କାଉନସିଲ୍ ନିର୍ଦ୍ଦେଶିକା ପ୍ରଫେସର ଜୟନ୍ତୀ ଦୋରା କର୍ମଶାଳାର ବିଷୟବସ୍ତୁ ଉପସ୍ଥାପନ କରିଥିବା ବେଳେ ଅଧ୍ୟକ୍ଷତା କରିଥିବା ପ୍ରଫେସର ପ୍ରିୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କୁଳପତି ପ୍ରଫେସର ନନ୍ଦ ଅଧ୍ୟକ୍ଷତା କରି କହିଥିଲେ ଯେ, ଜାତୀୟ ଶିକ୍ଷାନୀତି କେବଳ ନୂତନ ଶିକ୍ଷାନୀତିର ସୂଚ୍ୟାବଦ୍ଧିତ ପ୍ରୟୋଗ ଉପରେ ବିସ୍ତୃତ ଦର୍ଶନ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏମ୍‌ଜେସିଜି ଅଡିଟୋରିୟମରେ 'ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରଭାବୀ ତଥା ସଠିକ୍ କାର୍ଯ୍ୟକାରିତା' ଶୀର୍ଷକ ଏକ ଦିବସିକା ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାଟନୀ ଅଧିବେଶନରେ ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡେବ୍ରତ୍ୱା ଭେଙ୍କଟ୍ଟା ନିର୍ଦ୍ଦେଶିକା ପ୍ରଫେସର ଜୟନ୍ତୀ ଦୋରା କର୍ମଶାଳାର ବିଷୟବସ୍ତୁ ଉପସ୍ଥାପନ କରିଥିବା ବେଳେ ଅଧ୍ୟକ୍ଷତା କରିଥିବା ପ୍ରଫେସର ପ୍ରିୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ



ଆରମ୍ଭ

SEITHO ARAMBHA



ବୁଧବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ମାତ୍ର ୨ ବର୍ଷ ୧୦ ମାସରେ ଆଶଭିଙ୍କ ଅସାଧାରଣ ପ୍ରତିଭା, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ହାସଲ କଲେ ସ୍ଥାନ

ବାସୁଦେବପୁର, ୧୦/୧୧ (ଆ.ପ୍ର) : ବର୍ଣ୍ଣାଳ ବନ୍ଧୁ, ତୁନସା ବୁଜ ପତ୍ରରୁ ବାସେ । ଛୋଟ ବୟସରୁ ହିଁ ପ୍ରତିଭାର ପରିଚୟ ଦିଏ ଜଣେ ପ୍ରତିଭାବାନ ଶିଶୁ । ଆଉ ଏଥାକୁ ପ୍ରମାଣ କରି ଦେଖାଇଛନ୍ତି ମାତ୍ର ୨ ବର୍ଷ ୧୦ ମାସର କୁନି ଝିଅ ଆଶଭି ଆରାଧ୍ୟା ପଣ୍ଡା । ନିଜର ଅସାଧାରଣ ସ୍ମରଣଶକ୍ତି ଓ ଜ୍ଞାନକୌଶଳ ବଳରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୬ରେ ସମ୍ମାନିତ ହୋଇଛନ୍ତି ଏହି କୁନି ଝିଅ । ସେହିପରି ତ୍ରିଭୁବନ, ଚତୁର୍ଭୁଜ ଓ ବୃତ ଭଳି ୬ଟି ଆକୃତି, ୪ଟି ପୌରାଣିକ କାହାଣୀ, ୮ଟି ସରକାରୀ କାର୍ଯ୍ୟାଳୟର କାର୍ଯ୍ୟ, ୧୦ଟି ପର୍ବପର୍ବାଣୀ, ୫ଟି ଦର୍ଶନୀୟ ସ୍ଥାନ ଏବଂ ଗାନ୍ଧୀ ଜୟନ୍ତୀ, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଭଳି ଜାତୀୟ ଦିବସଗୁଡ଼ିକର ତାତ୍ପର୍ଯ୍ୟ ମଧ୍ୟ ଅନର୍ଗଳ କହିପାରୁଛନ୍ତି ଆଶଭି । ଏତେ କମ୍ ବୟସରେ ଏଭଳି ବହୁମୁଖୀ ଜ୍ଞାନ ଓ ସ୍ମରଣଶକ୍ତି ତାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୬ରେ ସମ୍ମାନିତ ହୋଇ ଆଶଭି ଆରାଧ୍ୟା ପଣ୍ଡାଙ୍କ ନାମ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୬ରେ ସମ୍ମାନିତ ହୋଇ ଆସିଛି । ଆଞ୍ଚଳିକ ସ୍ତରୀୟ କାର୍ଯ୍ୟକ୍ରମରେ ୧୫ଟି ଜନ୍ତୁପ୍ରାଣୀ ଏବଂ ୧୫ ଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ନାମ ମଧ୍ୟ ମନେ ରଖି କହୁଛନ୍ତି । ଏହାସହ ଡିମେଣ୍ଟିମନ୍ତ୍ର ପାଠ, ଗାରେଟି ଟିମ୍, ସଂଖ୍ୟା ଗଣନା, ୮ଟି ଜଳଚର ଜୀବ, ୪ଟି ଉଭୟଚର ଜୀବ ଏବଂ ୧୦ଟି ଜାତୀୟ ସ୍ତରୀୟ କାର୍ଟିଜାରି ସମ୍ପର୍କରେ ମଧ୍ୟ ଜ୍ଞାନ ରଖିଛନ୍ତି ଏହି କୁନି ଝିଅ । ସେହିପରି ତ୍ରିଭୁଜ, ଚତୁର୍ଭୁଜ ଓ ବୃତ ଭଳି ୬ଟି ଆକୃତି, ୪ଟି ପୌରାଣିକ କାହାଣୀ, ୮ଟି ସରକାରୀ କାର୍ଯ୍ୟାଳୟର କାର୍ଯ୍ୟ, ୧୦ଟି ପର୍ବପର୍ବାଣୀ, ୫ଟି ଦର୍ଶନୀୟ ସ୍ଥାନ ଏବଂ ଗାନ୍ଧୀ ଜୟନ୍ତୀ, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଭଳି ଜାତୀୟ ଦିବସଗୁଡ଼ିକର ତାତ୍ପର୍ଯ୍ୟ ମଧ୍ୟ ଅନର୍ଗଳ କହିପାରୁଛନ୍ତି ଆଶଭି । ଏତେ କମ୍ ବୟସରେ ଏଭଳି ବହୁମୁଖୀ ଜ୍ଞାନ ଓ ସ୍ମରଣଶକ୍ତି ତାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୬ରେ ସମ୍ମାନିତ ହାସଲ କରିଛନ୍ତି ଆଶଭି । ଆଞ୍ଚଳିକ ସ୍ତରୀୟ ଠିକଣା ହେଉଛି ଉତ୍ତର ଜିଲ୍ଲା ବାସୁଦେବପୁର ବ୍ଲକର ବଡ଼ିପୁର ଗ୍ରାମ । ତର୍ଦ୍ଦମାନ ସେ କଟକ ଜିଲ୍ଲା ବାରଙ୍ଗ ବ୍ଲକ ଡିଖୁଣ୍ଟିଆରେ ପରିବାର ସହ ରହୁଛନ୍ତି । ତାଙ୍କ ପିତା ଅଶ୍ରୁ ମୋହନ ପଣ୍ଡା ଓ ମାତା ଅରିଜା ପଣ୍ଡା । ଝିଅର ଏହି ଅସାଧାରଣ ସଫଳତାକୁ ନେଇ ବାପା ମାଆ ଦେଶ ଖୁସି ଓ ଗର୍ବ ଅନୁଭବ କରିଛନ୍ତି । ସାଙ୍କୁ ନେଇ ଗର୍ବିତ ପରିବାରବର୍ଗ ଓ ଗର୍ବିତ ହୋଇଛି ଉତ୍କଳ ଜିଲ୍ଲାର ବାସୁଦେବପୁର ମାଟି । କଞ୍ଚଁଳ ବୟସରେ ଅସାଧାରଣ ପ୍ରତିଭାର ଚମକ । ଯେଉଁ ବୟସରେ ପିଲାମାନେ ଖେଳକୁଦରେ ସମୟ ବିତାଉଥାନ୍ତି, ସେହି ବୟସରେ ନିଜର ଅଦ୍ଭୁତ ସ୍ମରଣଶକ୍ତିର ପରିଚୟ ଦେଇଛନ୍ତି ଆଶଭି । ମାତ୍ର ୨ ବର୍ଷ ୧୦ ମାସ ବୟସରେ ଏତେଗୁଡ଼ିଏ ବିଷୟ ମନେ ରଖିବା ଓ ନିର୍ଭୁଲ ଭାବେ କହିପାରିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ । ବିଭିନ୍ନ ପ୍ରକାରର ୧୫ଟି ଯାନବାହନ, ୧୩ଟି ଫଳ, ମାନବ ଶରୀରର ୧୯ଟି ଅଙ୍ଗ, ୬ଟି ରଙ୍ଗ, ୧୫ଟି ଦେବାଦେବୀଙ୍କ ନାମ ଏବଂ ୧୫ଟି ଜାନ୍ତବୀ ଉପକରଣର ନାମ ଅତି ସହଜରେ କହିପାରୁଛନ୍ତି ଆଶଭି । ଆଞ୍ଚଳିକ ସ୍ତରୀୟ ଠିକଣା ହେଉଛି ଉତ୍କଳ

ସିଦ୍ଧାନ୍ତ ଆରମ୍ଭ
SEITHO ARAMBHA

ବୁଧବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଅଣ୍ଡର ୧୯ ଏସିଆ କପ: ଶେଷ ବଲରେ ୟୁଏଇ ଅଲଆଉଟ୍



ନୂଆଦିଲ୍ଲୀ, ୧୦/୧୧(ନ୍ୟୁ.ଏ): ପାକିସ୍ତାନ ଠାରୁ ଘରି ନିରାଶ ହୋଇଥିବା ଭାରତୀୟ ଅଣ୍ଡର ୧୯ ଟିମର ଜବରଦସ୍ତ ଜମଦ୍ୟାକ । ଓମାନରେ ଚାଲିଥିବା ଅଣ୍ଡର ୧୯ ଏସିଆ କପର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ କମାଲ କରିଛି ଭାରତ । ଆଜି ଲକ୍ଷ୍ୟ ଗାଜେରାଡାଳିଙ୍କ ଭାରତ ଦମଦାର ବଲ୍ଲରେ ୟୁଏଏକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ଭାରତୀୟ ଅଣ୍ଡର ୧୯ ଟିମର ଦ୍ରୁତ ବୋଲର ଶଣ୍ଟନ ଗୁଦ ଶେଷ ବଲରେ ୟୁଏଇର ଶେଷ ବ୍ୟାଟର ଏଚ୍ ଧାନକୁ କ୍ଲିନବୋଲ୍ଡ କରି ଇଣ୍ଡିଆରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ଭାରତ ଏହି ମ୍ୟାଚକୁ ଜିତିବା ୭୦ ରନରେ ଜିତି ସେମି ଟିକେଟ ଜାତେଜାକୁ ସୁରକ୍ଷା ହୋଇଛି । ସେମି ଫାଇନାଲରେ ଦବର ମୁକାବିଲା ଆଫଗାନିସ୍ତାନ ସହ ହେବ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ବେଦୀ ସୋହଦ୍ୟାଗ ଆର୍ଯ୍ୟାଦୀଙ୍କ ୧୬୦ ରନ ଓ ଜିକେ ତିନାଟଙ୍କ ୬୭ ରନ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୩୦୯ ରନ କରିଥିଲା । ଆର୍ଯ୍ୟାଦୀର ହେଉଛନ୍ତି ଜିମ୍ବାବୁୟା କ୍ରିକେଟର ବାରେରୁ ସେରଖ୍ୟାଗଙ୍କ ପୁଅ । ଆର୍ଯ୍ୟାଦୀର ୧୬୮ ବଲରେ ୧୭ଟି ଚୌକା ଓ ୭ଟି ଛକା ବଳରେ ତାଡା ଶତକ ମାରି ସମସ୍ତଙ୍କୁ ନିଜ ବଖତାର ପରିଚୟ ଦେଇଛନ୍ତି । ଏହି ମ୍ୟାଚ୍‌ରେ ଜାହୁର ତ୍ରାଡିକର ପୁଅ ଅନୁୟ ମଧ୍ୟ ଖେଳୁଛନ୍ତି । ସେ ୱିକେଟ କିପର ବ୍ୟାଟର । ଆଜିର ମ୍ୟାଚ୍‌ରେ ସେ ୯ ବଲରେ ୧୨ ରନ କରିପାରିଛନ୍ତି । ୩।୧୦ ରନର ଟାର୍ଗେଟ ପାଇଥିବା ୟୁଏଇ କିଛି ସମୟ ଇତ୍ତେର କରିଥିଲେ ମଧ୍ୟ ୫୦ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୩।୯ ରନ କରିପାରିଛି । ବଳ ପଛରୁ ଅଦମ୍ୟ ଝୁଡାବ ସର୍ବାଧିକ ୭୪ ରନ କରିଥିବା ବେଳେ ଶେଷ ଭାରରେ ନୂରଉଲ୍ଲା ଆୟୋଦି ୨୫ ବଳରେ ୩୯ ରନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାନାକ ଆୟନ ମିଶ୍ରା ୨୭ ରନ ଓ ଯାସିନ ରାଏ ୨୯ ରନର ଇନିଂସ ଖେଳିଛନ୍ତି । ଭାରତ ପାଇଁ ଚୌଲିଂରେ କମାଲ କରିଛନ୍ତି ଶଣ୍ଟନ ଗୁଦ । ସେ ସର୍ବାଧିକ ୪ ୱିକେଟ ଦଖଲ କରି ୟୁଏଇର ରେନ ଚେଜକୁ ଛିନ୍ନଭିନ୍ନ କରି ଦେଇଛନ୍ତି । ଆଜିର ମ୍ୟାଚ୍‌ରେ ସେ ୭ ଓଭରରେ ୩।୭ ରନ ଦେଇଛନ୍ତି । ଶଣ୍ଟନଙ୍କ ବ୍ୟତୀତ ମୋହିତ ଭଲ୍ଲା, ମନୀଲ ସୈନୀ, କାଦ୍ୟ ପଟେଲ, ଯଶବର୍ଦ୍ଧନ ଚୌହାନ, ଆର୍ଯ୍ୟନ ସବସାନି ଓ ଅର୍ଜୁନ ଗାଜପୁତ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି । ତେବେ ବ୍ୟାଟିଂରେ କମାଲ କରିଥିବା ଆର୍ଯ୍ୟାଦୀଙ୍କୁ ମ୍ୟାଚ୍‌ର ଷ୍ଟେଟ ଖେଳାଳି ପୁରସ୍କାର ମିଳିଛି ।

ବର୍ଷା ଧୋଇନେଲା ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ



ନୂଆଦିଲ୍ଲୀ, ୧୦/୧୧(ନ୍ୟୁ.ଏ): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଦିନିକିଆ ହାମିଲଟନରେ ଖେଳାଯାଇଥିଲା । ହାମିଲଟନରେ ବର୍ଷା ଏପରି ଲୁଚକାଳି ଖେଳ ଖେଳିଥିଲା ଯେ, ମ୍ୟାଚ୍ ଆରମ୍ଭ ହେବାର ଅପେକ୍ଷା ଶେଷ ହୋଇଥିଲା । ବର୍ଷାରେ ଦୁଇ ଦିନିଥର ମ୍ୟାଚ୍ ଆରମ୍ଭ ହେବାର ଆଶା ବଢାଇଥିଲା, କିନ୍ତୁ ସେହି ଆଶା ଆଶାରେ ରହିଗଲା । ଶେଷରେ ହାମିଲଟନରେ ମ୍ୟାଚ୍ ବାତିଲ ଘୋଷଣା କରାଯାଇଥିଲା । ଏହି ମ୍ୟାଚ୍ ରଦ୍ଦ ହେବା ପରେ ଚେତେଶ୍ୱର ପୂଜାରାଙ୍କ କଥା ମନେ ପଡୁଛି । ସେ ସିରିଜ୍ ଡ୍ର ନେଇ ପୂର୍ଣ୍ଣାନୁମାନ କରିଥିଲେ । ବାତିଲ ହେଲା ହାମିଲଟନ ଦିନିକିଆ- ହାମିଲଟନରେ ବର୍ଷା ପରେ ମଧ୍ୟ ଦର୍ଶକମାନେ ତୃତୀୟ ଦିନିକିଆ ଦେଖିବାର ଆଶା ଛାଡ଼ି ନଥିଲେ । କିନ୍ତୁ ଟସ୍ ର ଏହି ମ୍ୟାଚ୍ ରେ ତାଙ୍କ ବ୍ୟତୀତ ଅନ୍ୟ କୌଣସି ଆକ୍ଷର ଦେଖିବାକୁ ମିଳିନଥିଲା । ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ତୃତୀୟ ଦିନିକିଆରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ପରେ ବର୍ଷା ପୁଣି ବାଡେଇଥିଲା । ବର୍ଷା ଅଟୁଅଲା ଏବଂ ଯାଉଥିଲା, ଯେଉଁଥିପାଇଁ ମ୍ୟାଚ୍ ଶେଷ କରିବା କଷ୍ଟକର ଥିଲା । ଶେଷରେ ଗୋଟିଏ ବି ବଲ୍ ବିନା ମ୍ୟାଚ୍ ବାତିଲ ହୋଇଯାଇଥିଲା । ହାମିଲଟନରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କେତୋଟି ଦିନିକିଆ ବାତିଲ ହୋଇଛି ? ହାମିଲଟନରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ବାତିଲ ହୋଇଥିବା ଦିନିକିଆ । ଏହା ପୂର୍ବରୁ ଜରେନ୍ତର ୨୦୨୨ ରେ, ବର୍ଷା ହେତୁ ହାମିଲଟନରେ ସେମାନଙ୍କ ମଧ୍ୟରେ ଏକ ମ୍ୟାଚ୍ ବାତିଲ କରାଯାଇଥିଲା । ତେବେ ସେହି ମ୍ୟାଚରେ ଦର୍ଶକ କ୍ରିକେଟର ଡିଭିଏ ଆକ୍ଷନ ଦେଖିଥିଲେ । ହାମିଲଟନରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଏହା ୯ମ ଦିନିକିଆ ଥିଲା । ପୂଜାରାଙ୍କ ଭବିଷ୍ୟବାଣୀ ସତ ହେବ କି ? ହାମିଲଟନ୍ ଦିନିକିଆ ବାତିଲ ହେବା ପରେ ଏତେ ପୂର୍ବରେ ଭାରତୀୟ କ୍ରିକେଟର ଚେତେଶ୍ୱର ପୂଜାରାଙ୍କ ଭବିଷ୍ୟବାଣୀ ସତ ହେଇଥିବା ସଙ୍କେତ ମିଳିଛି । ଯଦି ପୂଜାରାଙ୍କ ଭବିଷ୍ୟବାଣୀ ସତ ହୁଏ, ତେବେ ଭାରତ ଏହି ଦିନିକିଆ ସିରିଜ ଜିତି ପାରିବ ନାହିଁ । ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ୨-୨ରେ ରହିବ ଏବଂ ଗୋଟିଏ ମ୍ୟାଚ୍ ବର୍ଷାରେ ଧୋଇଯିବ ବୋଲି ପୂଜାରା ପୂର୍ବାନୁମାନ କରିଥିଲେ । ପୂଜାରାଙ୍କ କଥିତା ଅନୁଯାୟୀ, ଗୋଟିଏ ମ୍ୟାଚ୍ ବର୍ଷାରେ ଧୋଇ ଯାଇଛି । ତେବେ ନ୍ୟୁଜିଲାଣ୍ଡ ପରବର୍ତ୍ତୀ ଦୁଇଟି ଦିନିକିଆ ଜିତିବ ? ଭାରତ ସମ୍ମାନ ପରିସ୍ଥିତିରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ୨-୨ରେ ସମାନ୍ତରାଳ ରହିବ ବୋଲି ପୂଜାରା ପୂର୍ବାନୁମାନ କରିଥିଲେ ।

ବିଶ୍ୱର ୫୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୪୯ଟି ଭାରତରେ



ନୂଆଦିଲ୍ଲୀ, ୧୦/୧୧(ନ୍ୟୁ.ଏ): ବିଶ୍ୱର ୫୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୪୯ଟି ଭାରତରେ ରହିଛି । ଶୀତ ଋତୁ ଆରମ୍ଭ ସହ ଉତର ଭାରତରେ ବାୟୁ ପ୍ରଦୂଷଣ ଭୟଙ୍କରରୂପ ଧାରଣ କରିଛି । ମଙ୍ଗଳବାର ସକାଳ ୯ଟା ୫୪ ମିନିଟ୍‌ରେ ରେକର୍ଡ ହୋଇଥିବା ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ତଥ୍ୟ ଅନୁଯାୟୀ, ଗାଜିଆବାଦ ଶ୍ରୀନଗରଠାରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପ୍ରଥମ ସ୍ଥାନରେ ରହିଛି । ଏହାର ଏକ୍ୟୁଆଇ ୮୨୧ ରେକର୍ଡ କରାଯାଇଛି । ଏହି ତଥ୍ୟ ଏକ୍ୟୁଆଇ.ଇନ୍ ପ୍ରଦୂଷଣ ମାପ ଯନ୍ତ୍ରପାତି ନିଆଯାଇଛି । ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ପଞ୍ଜାବର ଭଟିଣ୍ଡା ରହିଛି । ଏଠାରେ ଏକ୍ୟୁଆଇ ୬୨୯ ଥିବାବେଳେ ତୃତୀୟ ସ୍ଥାନରେ ରହିଛି ଦିଲ୍ଲୀ ୩୯୩ ଏକ୍ୟୁଆଇ ସହ ବିଶ୍ୱ ତାଲିକାର ୨୪ତମ ସ୍ଥାନରେ ରହିଛି । ଏହା ସୂଚାଇଛି ଯେ ବାୟୁ ପ୍ରଦୂଷଣ ସମସ୍ୟା କେବଳ ଦିଲ୍ଲୀ କିମ୍ବା ଏହାର ଆଖପାଖ ଅଂଚଳରେ ସୀମିତ ନାହିଁ । ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ଉତରପ୍ରଦେଶର ବହୁ ସହର ଏହାର ଶିକାର ହୋଇଛନ୍ତି । ଲୁଧିଆନା, ପଟିଆଲା, ବଦାର୍ଥୁ, ଜୈନପୁର ଓ ଗୋରଖପୁର ମଧ୍ୟ ଏହି ତାଲିକାରେ ରହିଛନ୍ତି । ନଭେମ୍ବର ୮ ତାରିଖରେ ଦୀପାବଳି ପାଳନ ପରେ ଦିଲ୍ଲୀର ବାୟୁମାନ ଆହୁରି ଖରାପ ହୋଇଥିଲା । ପରବର୍ତ୍ତି ଅର୍ଥାତ୍ ନଭେମ୍ବର ୯ରେ ଦିଲ୍ଲୀର ଏକ୍ୟୁଆଇ ୬୬୩ରେ ପହଂଚିଥିବା ରିପୋର୍ଟରେ କୁହାଯାଇଛି । ଏହା ଗତବର୍ଷ ଦୀପାବଳି ପରବର୍ତ୍ତୀ ଏକ୍ୟୁଆଇ ତୁଳନାରେ ୬୯ ପ୍ରତିଶତ ଅଧିକ । ଏହି ପ୍ରଦୂଷଣକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟ ଆରମ୍ଭ ହୋଇଛି । ଦିଲ୍ଲୀର ମନ୍ତ୍ରୀ କପିଲ ମିଶ୍ର ପଞ୍ଜାବରେ ନବୁଜପଡ଼ି ଘଟଣା ବଢ଼ିବାକୁ ପ୍ରଦୂଷଣର କାରଣ ବୋଲି ଅଭିଯୋଗ କରିଥିବାବେଳେ ଆମ୍ ଆଦ୍ମୀ ପାର୍ଟି ଏହାକୁ ଖଣ୍ଡନ କରିଛି । ଭାରତୀୟ ପାଣିପାଗ ବିଭାଗ ଦିଲ୍ଲୀରେ ନଭେମ୍ବର ୧୫ ପର୍ଯ୍ୟନ୍ତ ବର୍ଷର ସମ୍ଭାବନା ନଥିବା ପୂର୍ବାନୁମାନ କରିଛି । ତେଣୁ ବର୍ଷା କିମ୍ବା ଜୋର ପବନ ନ ହେଲେ ଉତର ଭାରତରେ ପ୍ରଦୂଷଣରୁ ତ୍ରାହି ମିଳିବାର ସମ୍ଭାବନା କମ୍ ରହିଛି ।

ସିଆଇଏସ୍‌ଏଫ୍ ଯବାନଙ୍କୁ ଲଣ୍ଡା କରି ମାଡ଼, ଉଲଗ୍ନ କରି ଭିଡିଓ ଉତୋଳନ ଅଭିଯୋଗ

ରଉରକେଲି: ଉତରପ୍ରଦେଶର ଜଣେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ଯବାନଙ୍କୁ ମାଡ଼ ମାରିବା ଓ ଉଲଗ୍ନ କରି ଭିଡିଓ ଉତୋଳନ କରିବା ଅଭିଯୋଗରେ ତାରି ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି । ଏହି ଘଟଣାରେ ଯବାନଙ୍କ ଅଭିଯୋଗ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଏବଂ ପରେ ତାଙ୍କୁ ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ଗିରଫ କରିଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଉତୋଡିର ଜଣେ ସିନିୟର୍ ଜୁନିୟର (ସିନିୟର ଡିଜିଜନ୍)ଙ୍କ ନିର୍ଦ୍ଦେଶ ପରେ ସେମାନଙ୍କର ସହ୍ୟାରୀ ପୁଲିସ ଏତଲା ରୁଜୁ କରିଛି । ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷ ଶୁଭମ୍ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଘଟଣାଟି ଗତ ଅଗଷ୍ଟ ୧୨ ତାରିଖରେ ସୂଚିୟାଙ୍ଗୁଁ ଥାନା ଅଧୀନ ସର୍ଦ୍ଦାର ରହୁଡା ଗାଁରେ ଘଟିଥିଲା । ସିଆଇଏସ୍‌ଏଫ୍ କନଷ୍ଟେବଳ ଅଜୟ ଯାଦବ (୩୪) ଅଗଷ୍ଟ ୧୯ରେ ସିନିୟର ଜୁ (ସିନିୟର ଡିଜିଜନ୍) ହର କିଶାଣ କୌରଙ୍କ ଅଦାଲତରେ ଏକ ଆବେଦନ କରିଥିଲେ । ସେଥିରେ ସେ ଅଭିଯୋଗ କରିଥିଲେ ଯେ ବଜାରରୁ ମୋଟରସାଇକେଲ୍‌ରେ ଘରକୁ ଫେରୁଥିବା ବେଳେ ଧାରେରୁ ଯାଦବ (୨୬), ବୀରେନ୍ଦ୍ର ଯାଦବ (୨୩), ଅମନ ଯାଦବ (୨୦) ଓ ସତିଆ ଯାଦବ (୩୨) ତାଙ୍କୁ ଅଟକାଇଥିଲେ । ସେମାନେ ତାଙ୍କ ମୋଟରସାଇକେଲ୍ ଭାଙ୍ଗିଦା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ । ଆବେଦନ ଅନୁଯାୟୀ, ମାଡ଼ ଯୋଗୁଁ ଅଜୟଙ୍କ ନାକରୁ ଗରୁ ବାହାରିଥିଲା ଏବଂ ଶ୍ୱାସନଳୀରେ ଗରୁ ପଶିଯିବାରୁ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା । ମୁଣ୍ଡରେ ମଧ୍ୟ ଗୁରୁତର ଆଘାତ ଲାଗିଥିଲା । ଏହାପରେ ଧାରେରୁ, ବୀରେନ୍ଦ୍ର ଓ ଅମନ ତାଙ୍କୁ ଘୋଷାଡ଼ି ଘର ପଛପଟକୁ ନେଇ ଜୋଜବରଦସ୍ତ ଉଲଗ୍ନ କରି ଭିଡିଓ ଉତୋଳନ କରିଥିଲେ । କେତେକ ଗ୍ରାମବାସୀ ହସ୍ତକ୍ଷେପ କରି ତାଙ୍କୁ ଉଦ୍ଧାର କରିବା ସହ ପୋଷାକ ପିନ୍ଧାର ଆଳକୁ ପଠାଇଥିଲେ । ଅଜୟଙ୍କ ଅଭିଯୋଗ ଅନୁଯାୟୀ, ସେ ଅଗଷ୍ଟ ୧୨ ତାରିଖ ଅପରାହ୍ନ ପ୍ରାୟ ୪ଟାରେ ଥାନାରେ ପହଂଚି ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ତାଙ୍କୁ ପ୍ରାୟ ୨୪ ଘଂଟା ଧରି ବସାଇ ରଖିଥିଲା । ସେହିଦିନ ରାତି ପ୍ରାୟ ୧୧ଟାରେ ସତିଆ ଯାଦବଙ୍କୁ ଥାନାକୁ ଡକାଯାଇଥିଲା ଏବଂ ତାଙ୍କ ଅଭିଯୋଗ ଆଧାରରେ ଅଜୟଙ୍କ ବିରୋଧରେ ଅସଦାଚରଣ ମାମଲା ରୁଜୁ ହୋଇଥିଲା । ଅଗଷ୍ଟ ୧୩ରେ ଜାମୁରା ପରାକ୍ଷା ହୋଇଥିବାରୁ ମଧ୍ୟ ପୁଲିସ ତାଙ୍କ ଅଭିଯୋଗ ଗ୍ରାହ୍ୟ ନ ଥିବା ଏବଂ ତାଙ୍କୁ ଗିରଫ କରିଥିବା ବୋଲି ସେ ଅଦାଲତରେ ଦର୍ଶାଇଛନ୍ତି । ଅଦାଲତ ନଭେମ୍ବର ୭ ତାରିଖରେ ତାରି ଜଣଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୦, ୧୧୭(୨), ୩୨୪(୨), ୧୧୫(୨), ୩୫୨ ଓ ୩୫୧(୩) ସହ ସୂଚନା ପ୍ରଯୁକ୍ତି ଆଇନର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରିଛି । ଗିରଫ ତାଙ୍କ ସମ୍ପର୍କୀୟ ଗାରେଶ ଯାଦବ ସ୍ଥାନୀୟ ଥାନାରେ ଡାଏଲ୍ ୧୧୨ ଗାଡ଼ି ଚଳାଉଥିବାରୁ ପୁଲିସ ତାଙ୍କ ଅଭିଯୋଗକୁ ଅଣଦେଖା କରିଥିବା ବୋଲି ଅଜୟ ଅଭିଯୋଗ କରିଛନ୍ତି । ଅପରାଧ ନିରୀକ୍ଷକ ବୁଦ୍ଧିସାରର ଯାଦବ ଏହି ମାମଲାର ତଦନ୍ତ କରୁଛନ୍ତି ।

ମୋଦୀ ମୋତେ ଦେଖିଲେ ଆଖିରେ ଆଖି ମିଶାନ୍ତି ନାହିଁ: ସୋନିଆ ଗାନ୍ଧୀ



ନୂଆଦିଲ୍ଲୀ, ୧୦/୧୧(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ପ୍ରାୟ କୌଣସି ବ୍ୟକ୍ତିଗତ ଯୋଗାଯୋଗ ନାହିଁ । ଦୁହେଁ ଯେତେବେଳେ ସାମ୍ନାସାମ୍ନି ହୁଅନ୍ତି, ମୋଦୀ ଔପଚାରିକ ନମସ୍କାର କରିବା ପରେ ଆଖିରେ ଆଖି ମିଶାଇବା ପରିବର୍ତ୍ତେ ଅନ୍ୟ ଆଡ଼କୁ ଚାହାନ୍ତି । କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିଜର ନୂଆ ପୁସ୍ତକ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ରେ ଏହି ମନ୍ତବ୍ୟ ଦେଇଛନ୍ତି । ସୋନିଆ ଲେଖିଛନ୍ତି ଯେ, ନରେନ୍ଦ୍ର ଦାମୋଦରଦାସ ମୋଦୀ ୧୨ ବର୍ଷରୁ ଅଧିକ ସମୟ ଧରି ଦେଶର ପ୍ରଧାନମନ୍ତ୍ରୀ ଆସନ୍ତି ଏବଂ ବର୍ତ୍ତମାନ ତୃତୀୟ ପାଳିରେ ଜାର୍ଯ୍ୟ କରୁଛନ୍ତି । ଏତେ ଦୀର୍ଘ ସମୟ ଧରି ଦେଶର ଜାଲନୀତିରେ ଉଭୟ ଶୀର୍ଷସ୍ତରରେ ଥିଲେ ମଧ୍ୟ ଉଭୟଙ୍କ ଭିତରେ କୌଣସି ଅର୍ଥପୂର୍ଣ୍ଣ ଆଲୋଚନା ହୋଇନାହିଁ । ସଂସଦର ପ୍ରତ୍ୟେକ ଅଧିବେଶନ ଶେଷରେ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ ନେତାମାନେ ଲୋକସଭା ବାଚସ୍ପତିଙ୍କ କକ୍ଷରେ ଏକାଠି ହୁଅନ୍ତି । ଏଭଳି ଅର୍ଦ୍ଧ-ଔପଚାରିକ ବୈଠକରେ ହିଁ ତାଙ୍କର ମୋଦୀଙ୍କ ସହ ସାକ୍ଷାତ ହୁଏ । ସେଠାରେ ଉଭୟେ କେବଳ ଔପଚାରିକ ଭାବେ ପରସ୍ପରକୁ ନମସ୍କାର ଓ ପ୍ରତିନମସ୍କାର କରନ୍ତି । ଅତୀତରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ଯେଉଁ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ରହୁଥିଲା, ଏବେ ତାହା ଦେଖିବାକୁ ମିଳୁନାହିଁ ବୋଲି ସେ ଲେଖିଛନ୍ତି । ଏହି ସାମାନ୍ୟ ସାକ୍ଷାତ ବ୍ୟତୀତ ପୂର୍ବତି ମଧ୍ୟରେ କେତେ ପ୍ରକୃତ ଆଲୋଚନା ହୋଇନାହିଁ । ତେବେ ଜନ୍ମଦିନ ଓ ନୂଆ ବର୍ଷ ଅବସରରେ ଉଭୟେ ପରସ୍ପରକୁ ଔପଚାରିକ ଶୁଭେଚ୍ଛା ଜଣାଇଥାନ୍ତି । ସୋନିଆ ତାଙ୍କଉଖାନିକୁ ଫେରିବା ପରେ ମୋଦୀ କେତେକ ସମୟରେ ତାଙ୍କୁ "ଆପଣ ଠିକ୍ ଅଛନ୍ତି କି ?" ବୋଲି ପଚାରିଥିବା କଥା ମଧ୍ୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଏହାର ଉତରରେ ସେ 'ହଁ, ଏବେ ଠିକ୍ ଅଛି, ଧନ୍ୟବାଦ' ବୋଲି କହିଥିଲେ । ମୋଦୀ ଓ ତାଙ୍କ ମଧ୍ୟରେ ଥିବା ଦୂରତା କେବଳ ବ୍ୟକ୍ତିଗତ ନୁହେଁ, ବରଂ ଦୁଇଁଙ୍କର ଭାରତ ସମ୍ପର୍କିତ ଦୃଷ୍ଟିକୋଣରେ ମଧ୍ୟ ମୌଳିକ ପାର୍ଥକ୍ୟ ରହିଛି ବୋଲି ସୋନିଆ ଲେଖିଛନ୍ତି । ତାଙ୍କ ମତରେ, ମୋଦୀଙ୍କ ଭାରତ ସମ୍ପର୍କିତ ବିଚାରଧାରା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍)ର ବିଚାରଧାରା ଦ୍ୱାରା ଗଠିତ । ଅନ୍ୟପକ୍ଷରେ ତାଙ୍କ ନିଜର ଭାରତ ବିଚାରଧାରା ପରିବାରର ସେବାଗାର, ସ୍ୱାଧୀନତା, ସମାନତା ଓ ବିବିଧତା ଧର୍ମ, ଭାଷା ଓ ସଂସ୍କୃତିର ସହାବସ୍ଥାନ ଉପରେ ଆଧାରିତ । ତେବେ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ବ୍ୟକ୍ତିଗତ ବିବାଦ ଭାବେ ଦେଖାଯାଉନାହିଁ । ମୋଦୀ ନିଜ ଭାରତ ଦୃଷ୍ଟିକୋଣ ପାଇଁ ଲଢୁଥିବା ବେଳେ ସେ ଅନ୍ତର୍ଭୁକ୍ତୀକରଣ, ଧର୍ମନିରପେକ୍ଷତା ଓ ସାମାଜିକ ନ୍ୟାୟ ଆଧାରିତ ଭାରତ ପାଇଁ ଲଢୁଛନ୍ତି ବୋଲି ପୁସ୍ତକରେ ଲେଖିଛନ୍ତି ।

ବିଶ୍ୱ ଧନୀ ତାଲିକାରେ ୧୦ମ ସ୍ଥାନକୁ ଖସିଲେ ହୁଆଙ୍ଗ



ନୂଆଦିଲ୍ଲୀ, ୧୦/୧୧(ନ୍ୟୁ.ଏ): ଚାଟ ମହିନାଙ୍କ ସହ ସମ୍ପର୍କ ଥିବା ଖବର ସାମ୍ନାକୁ ଆସିବା ପରେ ଏନ୍‌ରିଜିଦା ସିଇଓ ଜେନସେନ୍ ହୁଆଙ୍ଗଙ୍କ ନିଟ୍ ସମ୍ପତ୍ତି ସୋମବାର ୭.୪ ବିଲିଅନ ଡଲାର ହ୍ରାସ ଘଟିଛି । ଏଥିଯୋଗୁ ତାଙ୍କର ନିଟ୍ ସମ୍ପତ୍ତି ୧୬୨.୨ ବିଲିଅନ ଡଲାରରୁ ୧୫୪.୭ ବିଲିଅନ ଡଲାରକୁ ଖସିଆସିଛି । ଏନ୍‌ରିଜିଦାର ସେୟାର ମୂଲ୍ୟ ହ୍ରାସ ଜାରଣରୁ ହୁଆଙ୍ଗଙ୍କ ସମ୍ପତ୍ତି ହ୍ରାସ ପାଇଛି । ଏହା ପଜରେ ଫୋର୍ବସ ପକ୍ଷରୁ ପ୍ରକୃତ ହେଉଥିବା ବିଶ୍ୱର ଶୀର୍ଷ ଧନୀ ତାଲିକାରେ ହୁଆଙ୍ଗ ୨ଟି ସ୍ଥାନ ତଳକୁ ଖସି ୧୦ମ ସ୍ଥାନରେ ରହିଛନ୍ତି । ପୂର୍ବରୁ ସେ ଅଷ୍ଟମ ସ୍ଥାନରେ ରହିଥିଲେ । ଏନ୍‌ରିଜିଆରେ ହୁଆଙ୍ଗଙ୍କର ୩୩.୫ ପ୍ରତିଶତରୁ ଅଧିକ ଅଂଶଧନ ରହିଛି । ବାକ୍ତିଗତ ସେୟାରଧାରକମାନଙ୍କ ମଧ୍ୟରେ ତାଙ୍କର ସେୟାର ସବୁଠୁ ଅଧିକ । ସିଙ୍ଗାପୁରର ମେଗାସିଟ୍ କମ୍ପାନିର ଜଣେ ମହିଳା କାର୍ଯ୍ୟନିର୍ବାହୀ ଅରିଏ ହୁଆଙ୍ଗଙ୍କ ସହ ଜେନସେନ୍‌ଙ୍କ ସମ୍ପର୍କକୁ ନେଇ ବିବାଦ ଉଠିଛି । ଆମେରିକାର ଗୁରୁଦ୍ଧା ସଂସ୍ଥାଗୁଡ଼ିକ ଉକ୍ତ ମହିଳାଙ୍କର ଚାଳର ଗୁରୁଦ୍ଧା ବ୍ୟବସ୍ଥା ସହ ସମ୍ପର୍କ ଥିବା ସନ୍ଦେହ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଏହି ବିବାଦ ପରେ ଏନ୍‌ରିଜିଆର ପରିଚାଳନା ପରିଷଦ ଏକ ସ୍ୱାଧୀନ ତଦନ୍ତ ଆରମ୍ଭ କରିଛି । ଆମେରିକାର ଜାତୀୟ ସୁରକ୍ଷା ନିତ୍ୟ କମ୍ପାନିର ଗୋପନୀୟ ତଥ୍ୟ ଶତିଘ୍ରତ ଘୋଷଣାରେ ଜଣେ ଚାଇନା ଗୁପ୍ତଚର ଭାବେ ଏହି ମହିଳା ଏଯାଏଁ ମିଳିନାହିଁ ବୋଲି କମ୍ପାନି କହିଛି ।

ଯୁଦ୍ଧ ଶେଷ ପାଇଁ ୟୁଏଇରେ ରୁଷ-ୟୁକ୍